RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -151 ସଂଖ୍ୟା-୧୫୧
ଭୁବନେଶ୍ୱର, ବୁଧବାର ୨୬ ଅଗଷ୍ଟ ୨୦୨୬
Bhubaneswar, Wednesday 26 August, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ସଞ୍ଜୟ ବିଶ୍ୱାଳ ସୂଚନା ଓ ଲୋକସଂପର୍କ ବିଭାଗର ନୂଆ ନିର୍ଦ୍ଦେଶକ

ଭୁବନେଶ୍ୱର,୨୫।୮(ନି.ପ୍ର.): ଆଇଏଏସ୍ ସ୍ତରରେ ଅଦଳବଦଳ କଲେ ରାଜ୍ୟ ସରକାର। ସଞ୍ଜୟ ବିଶ୍ୱାଳ ସୂଚନା ଓ ଲୋକସଂପର୍କ ବିଭାଗର ନୂଆ ନିର୍ଦ୍ଦେଶକ। ବୀରେନ୍ଦ୍ର କୋରକୋରା ହେଲେ ଗୃହ ବିଭାଗ ଅତିରିକ୍ତ ସଚିବ। ଆରାଧନା ଦାସ ହେଲେ ଜଙ୍ଗଲ, ପରିବେଶ ବିଭାଗର ଅତିରିକ୍ତ ସଚିବ। ଜୁଗଳେଶ୍ୱରୀ ଦାଶଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଦାୟିତ୍ୱ। ଅର୍ଚ୍ଚନା ଦାସ ପଟ୍ଟନାୟକଙ୍କୁ 'ଆୟୁଷ' ନିର୍ଦ୍ଦେଶକ ଦାୟିତ୍ୱ। ଅଞ୍ଜନା ପଣ୍ଡା ହେଲେ ଅବକାରୀ ବିଭାଗର ଅତିରିକ୍ତ ସଚିବ। ସୁନ୍ଦର ମାଧବ ପାଢ଼ୀ ହେଲେ ଓଡିଶା ମାରିଟାଇମ ବୋର୍ଡ ସିଓଓ।

# ଉପରମୁଣ୍ଡରେ ବର୍ଷା ମହାନଦୀରେ ବଢୁଛି ଜଳସ୍ତର

ଭୁବନେଶ୍ୱର,୨୫।୮(ନି.ପ୍ର.):: ଉତ୍ତର ଓ ଦକ୍ଷିଣ ଓଡ଼ିଶାର ପ୍ରମୁଖ ନଦୀଗୁଡ଼ିକରେ ବର୍ତ୍ତମାନ ବନ୍ୟା ବିପଦ ଟଳିଯାଇଛି। ବୈତରଣୀ, ସାଳନ୍ଦୀ, ସୁବର୍ଣ୍ଣରେଖା ଓ ବ୍ରାହ୍ମଣୀ ନଦୀରେ ବନ୍ୟା ସ୍ଥିତି ନଥିବା ବେଳେ ବଂଶଧାରାର ଉପର ମୁଣ୍ଡରେ ସୃଷ୍ଟି ହୋଇଥିବା ଆକସ୍ମିକ ବନ୍ୟା ସ୍ଥିତିରେ ସୁଧାର ଆସିଛି। ତେବେ ଛତିଶଗଡ଼ରେ ପ୍ରବଳ ବର୍ଷା ଯୋଗୁଁ ମହାନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି ବୋଲି ସୂଚନା ଦେଇଛନ୍ତି ଇ ଆଇ ସି ଦିଲୀପ ରାଉତ।

ହୀରାକୁଦ ଡ୍ୟାମରୁ ବର୍ତ୍ତମାନ ୧୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଫଳରେ ମହାନଦୀ ଅବବାହିକାରେ ଏକ ଛୋଟ ଧରଣର ବନ୍ୟା ଆଶଙ୍କା ରହିଥିବା ନେଇ ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବୈତରଣୀ, ସାଳନ୍ଦୀ, ସୁବର୍ଣ୍ଣରେଖା ଓ ବ୍ରାହ୍ମଣୀ ନଦୀରେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ। ସେପଟେ ଉପରମୁଣ୍ଡ ବର୍ଷା ଯୋଗୁଁ ୧୬ଟି ଗେଟ୍ ଦେଇ ହୀରାକୁଦରୁ ଛଡ଼ାଯାଉଛି ପାଣି। । ମୁଣ୍ଡଳୀ ରେ ଆସନ୍ତା କାଲି ସୁଦ୍ଧା ୬ ଲକ୍ଷ ୫୦ ହଜାରରୁ ୬ ଲକ୍ଷ ୭୦ ହଜାର କ୍ୟୁସେକ ପାଣି ରହିବା ସମ୍ଭାବନା ରହିଛି। ଆଗକୁ ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ନଥିବାରୁ ଆହୁରି ସୁଧାର ଆସିବ ବୋଲି ସେ କହିଛନ୍ତି।

ସେହିପରି ଭଦ୍ରକ ଜିଲ୍ଲାର ଗତ ୨୪ ଘଣ୍ଟା ଧରି ଅନବରତ ବର୍ଷା ଓ ଗତ ତିନି ଦିନ ହେଲା ଉପରେ ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ସାଳନ୍ଦୀ ନଦୀର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ତିନି ତିନିଟି ବନ୍ୟା ଯିବା ପରେ ଏହାକୁ ସାଳନ୍ଦୀର ଚତୁର୍ଥ ବନ୍ୟା କୁହାଯାଉଛି। ହଦଗଡ଼ ଡ୍ୟାମରୁ ଉଦ୍ ?ବୃତ୍ତ ଜଳ ପ୍ରବାହିତ ନଦୀର ନିମ୍ନ ସ୍ରୋତକୁ ପ୍ରବାହିତ ହେଉଛି। ରାଜଘାଟ ଠାରେ ସାଳନ୍ଦୀ ନଦୀରେ ବନ୍ୟା ଜଳ ୧୭ ଫୁଟ ଉପରେ ପ୍ରବାହିତ ହେଉଛି। ସାଳନ୍ଦୀ ବନ୍ୟା ଯୋଗୁଁ ଜିଲ୍ଲାର ଭଦ୍ରକ ବ୍ଲକର ୧୦ ପଞ୍ଚାୟତ ଜଳମଗ୍ନ



ହୋଇଛି। ତିହିଡି ବ୍ଲକ୍‌ର ୧୧ ପଞ୍ଚାୟତ ଓ ଚାନ୍ଦବାଲି ବ୍ଲକର ୭ ପଞ୍ଚାୟତ ଜଳମଗ୍ନ ହୋଉଛି। ସାଳନ୍ଦୀର ବନ୍ୟା ଜଳ ହଜାର ହାଜରେ ଏକର ଚାଷ ଜମିରେ ମାଡ଼ି ଯାଇଛି। ବନ୍ୟା ପାଣି ବିଲନା, ଲଞ୍ଜା , ବାରୁଅ, ବୋଡକ, ତଲଗୋପ ବିନ୍ଧା ଆଦି ଅଞ୍ଚଳରେ ଲୋକଙ୍କ ଘର ଆଗରେ ଲହଡ଼ି ଭାଙ୍ଗୁଛି। ଆରଡି ଅଞ୍ଚଳ ପୁଣି ହୋଉଛି ଜଳମୟ । ସେହିପରି ବୈତରଣୀ ନଦୀରେ ଆଖୁଆପଦା ଠାରେ ଜଳସ୍ତର ବିପଦ ସଙ୍କ ?ତ ଉପରେ ୧୮ ୪୪ ମିଟର ଉପରେ ଜଳ ପ୍ରବାହିତ ହେଉଛି । ରାତି ବେଳକୁ ଏହାର ଜଳସ୍ତର ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ବୈତରଣୀ ବନ୍ୟା ଜଳ ଓ ବର୍ଷା ଜଳରେ ଭଣ୍ଡାରିପୋଖରୀ ବ୍ଲକର ୧୫ ପଞ୍ଚାୟତ , ଧାମନଗର ବ୍ଲକର ୩୦ ପଞ୍ଚାୟତ, ତିହିଡି ବ୍ଲକର ୧୧ ପଞ୍ଚାୟତ ଓ ଚାନ୍ଦବାଲି ବ୍ଲକର ୪ ପଞ୍ଚାୟତ ଜମି ବାଡ଼ି ଓ ଲୋକଙ୍କ ଘରଦ୍ୱାର , ରାସ୍ତା ଘାଟ ସବୁ ବୁଡ଼ି ଯାଇ। ଯାହା ବନ୍ୟା ଜଳ କମି ଥିଲା। ଗତକାଲି (ସୋମବାର) ଠାରୁ ବୈତରଣୀ ତଳିଆ ଅଞ୍ଚଳରେ ରାସ୍ତା ଘାଟ ବୁଡି ଯାଇଛି। ନଦୀ କୂଳିଆ ଲୋକମାନେ ବନ୍ୟା ଛାଡିବା ପରେ ଘରକୁ ଫେରୁଥିଲେ । ପୁଣି ବନ୍ୟା ଜଳ ବୃଦ୍ଧି ପାଉଥିବାରୁ ଲୋକମାନେ ଘର ଚାଡି ପୁଣି ଆଶ୍ରୟ ସ୍ଥଳ, ଓ ବନ୍ଧ ଉପରକୁ ପଳାଇ ଆସୁଛନ୍ତି । ଗତ ଜୁଲାଇ ମାସ ୨୫ ତାରିଖ ଠାରୁ ବର୍ଷା ଲାଗି ରହିଛି। ଜୁଲାଇ ୨୮ ତାରିଖରେ ସାଳନ୍ଦୀ ଓ ବୈତରଣୀ ନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ଆସି ଥିଲା ଆଜିର ପୁଣି ବନ୍ୟା ଜଳ ଭଦ୍ରକ ଜିଲ୍ଲାକୁ ବୁଡ଼ାଇ ଦେଉଥିବା ବେଳେ ଏହା ଚତୁର୍ଥ ବନ୍ୟା

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ 'ପାଇଲଟ୍ ମଡେଲ' ଖୁବଶୀଘ୍ର

ପୁରୀ,୨୫।୮(ନି.ପ୍ର.): ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନକୁ ଅଧିକ ସହଜ, ସୁରକ୍ଷିତ ଓ ଶୃଙ୍ଖଳିତ କରିବା ପାଇଁ ରାଜ୍ୟ ସରକାର ଖୁବଶୀଘ୍ର ଏକ ପାଇଲଟ୍ ମଡେଲ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଭୁବନେଶ୍ୱର ଆଇଆଇଟି ପକ୍ଷରୁ ପ୍ରସ୍ତୁତ ବିଭିନ୍ନ ମଡେଲକୁ ଆଧାର କରି ରାଜ୍ୟ ସରକାର ମହାପ୍ରଭୁଙ୍କ ଧାଡି ଦର୍ଶନ ପାଇଁ ଏକ ଶ୍ରେଷ୍ଠ ମଡେଲ ଆପଣାଇବାକୁ ଯାଉଛନ୍ତି ବୋଲି ଜଣାପଡିଛି। ପ୍ରତି ଘଣ୍ଟାରେ ୮ରୁ ୧୦ହଜାର ଭକ୍ତ



ଦର୍ଶନର ସୁବିଧା ପାଇବା ସହ ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରିବାକୁ ମଧ୍ୟ ଯୋଜନା ପ୍ରସ୍ତୁତ ହୋଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ପାଇଲଟ୍ ମଡେଲର ରୂପରେଖ ଚୂଡାନ୍ତ ହୋଇଥିବା ଜଣାପଡିଛି।

ସୂଚନା ଅନୁସାରେ, ଲୋକସେବା ଭବନରେ ଆୟୋଜିତ ଉଚ୍‌ଚସ୍ତରୀୟ ବୈଠକରେ ଶ୍ରୀନ୍ଦିରରେ ଧାଡି ଦର୍ଶନକୁ ନେଇ ବିଚାରବିମର୍ଶ ହୋଇଥିଲା। ଏହି ବୈଠକରେ ଭୁବନେଶ୍ୱର ଆଇଆଇଟି ଦ୍ୱାରା ପ୍ରସ୍ତୁତ ଧାଡି ଦର୍ଶନର ବିଭିନ୍ନ ଉନ୍ନତ ମଡେଲ ଉପସ୍ଥାପନ କହୋଇଥିଲା। ସର୍ବଶ୍ରେଷ୍ଠ ମଡେଲରେ ଭକ୍ତମାନେ ୫ଟି ସ୍ୱତନ୍ତ୍ର ଧାଡିରେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବେ।

ଏହି ନୂଆ ବ୍ୟବସ୍ଥା ଫଳରେ ସାତପାହାଚ ଓ ନାଟମଣ୍ଡପ ନିକଟରେ ସୃଷ୍ଟି ହେଉଥିବା ଅସମ୍ଭାଳ ଭିଡ ଓ ଠେଲାପେଲା ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହୋଇପାରିବ। ପ୍ରତି ଘଣ୍ଟାରେ ପ୍ରାୟ ୮ ରୁ ୧୦ ହଜାର ଭକ୍ତ ଶାନ୍ତିପୂର୍ଣ୍ଣ ଓ ଆରାମଦାୟକ ଭାବେ ମହାପ୍ରଭୁଙ୍କ ଦର୍ଶନ କରି ଫେରିବାର ସୁଯୋଗ ପାଇବେ। ଏହାସହିତ ଗରମ ଓ ଗୁଳୁଗୁଳିରୁ ଭକ୍ତମାନଙ୍କୁ ଆଶ୍ୱସ୍ତି ଦେବା ଉଦ୍ଦେଶ୍ୟରେ ନାଟମଣ୍ଡପକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ (ଏସି) କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗଣମାଧମକୁ ସୂଚନା ଦେଇ କହିଛନ୍ତି ଯେ, ଏହି ସମଗ୍ର ବ୍ୟବସ୍ଥାର ସଠିକ୍ କାର୍ଯ୍ୟକାରିତା ଯାଂଚ ପାଇଁ ପ୍ରଥମେ ପ୍ରସ୍ତୁତ ହେବାକୁ ଥିବା ପାଇଲଟ୍ ମଡେଲକୁ ଛତିଶା ନିଯୋଗ ଓ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଅନୁଧ୍ୟାନ କରାଯିବ। ଶ୍ରୀମନ୍ଦିରର ପାରମ୍ପରିକ ନୀତିକାନ୍ତିକୁ ଅକ୍ଷୁଣ୍ଣ ରଖି ଏହାର ସମୀକ୍ଷା ପରେ ହିଁ ସମ୍ପୂର୍ଣ୍ଣ ଯୋଜନାକୁ ପୂର୍ଣ୍ଣାଙ୍ଗ ରୂପେ ଲାଗୁ କରାଯିବ।

ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଚଙ୍କକ୍ସ ଝଷକ୍ସରରଙ୍ଖବଭୟସକ୍ସ ଚାରି ଦ୍ୱାର ଖୋଲିବାକୁ ନିଷ୍ପତ୍ତି ନେଇଥିଲେ। ଭକ୍ତଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଏବେ ଭିତର ଭିଡ ନିୟନ୍ତ୍ରଣ ଓ ସୁଗମ ଦର୍ଶନ ଉପରେ ସରକାର ସମ୍ପୂର୍ଣ୍ଣ ଗୁରୁତ୍ୱ ଦେଇ ଏହି ଧାଡି ଦର୍ଶନ ବ୍ୟବସ୍ଥା ଲାଗୁ କରିବାକୁ ଯୋଜନା କରିଛନ୍ତି। ଆଜିର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଇନ ବିଭାଗ ପ୍ରମୁଖ ସଚିବ ପବିତ୍ର ମୋହନ ସାମଲ, ପୁରୀ ଏସପି ପ୍ରତୀକ ସିଂ, ଆଇନ ବିଭାଗ ସ୍ୱତନ୍ତ୍ର ସଚିବ ପ୍ରଣବ କୁମାର ପାତ୍ର, ଅତିରିକ୍ତ ସଚିବ ଶିବ ପ୍ରସାଦ ମହାପାତ୍ର, ପୂର୍ତ୍ତ ବିଭାଗ ଉପଦେଷ୍ଟା ଜେ.କେ.ଦାସ, ଓବିସିସି ମୁଖ୍ୟ ପରିଚାଳକ ଶ୍ରୀଧର ରାଉତ ଓ ଆଇଆଇଟି ଭୁବନେଶ୍ୱରର ବୈଷୟିକ ଉପଦେଷ୍ଟାମାନଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସର୍ପାଘାତରେ ଭାଇ-ଭଉଣୀ ମୃତ

ସମ୍ବଲପୁର,୨୫।୮(ନି.ପ୍ର.); ସର୍ପାଘାତରେ ଚାଲିଗଲା ଭାଇଭଉଣୀଙ୍କ ଜୀବନ। ରାକ୍ଷୀ ପୂର୍ଣ୍ଣିମା ପୂର୍ବରୁ ଲୁହରେ ଭିଜିଲା ପରିବାରର ଆଖି। ଆଉ ଦିନ କେଇଟା ପରେ ବଡ ଠାକୁର ଶ୍ରୀ ବଳଭଦ୍ରଙ୍କ ଜନ୍ମତିଥି ତଥା ଗମ୍ହାପୂର୍ଣ୍ଣିମା ପାଳନ ହେବାକୁଥିବା ବେଳେ ଆଜି ସର୍ପାଘାତରେ ଆଖି ବୁଜିଛନ୍ତି ଭାଇଭଉଣୀ। ଏଭଳି ଅଭାବନୀୟ ଘଟଣା ଘଟିଛି ଲାଠିକଟା ବ୍ଲକ ହାତୀ ଓଡ଼ା ଗାଁରେ। ମିଳିଥିବା ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ଭାଇ ଓ ଭଉଣୀ ଶୋଇଥିବାବେଳେ ଉଭୟଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ପରେ ଏ ଘଟଣା ବିଷୟରେ ଅବଗତ ହୋଇ ଉଭୟ ଭାଇ ଭଉଣୀଙ୍କୁ ପରିବାର ଲୋକେ ରାଉରକେଲା ଆରଜିଏଚ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ ଯେଉଁଠାରେ ଉଭୟଙ୍କୁ ମୃତ ଡାକ୍ତର ଘୋଷଣା କରିଛନ୍ତି। ମୃତ ଭାଇ ଓ ଭଉଣୀର ବୟସ ଯଥାକ୍ରମେ ୭ ଓ ୧୦ ବର୍ଷ ବୋଲି ଜଣାପଡିଛି

# ୨୨ରୁ ବିଧାନସଭାର ମୌସୁମୀ ଅଧିବେଶନ

ଭୁବନେଶ୍ୱର,୨୫।୮: ଆସନ୍ତା ସେପ୍ଟମ୍ବର ୨୨ତାରିଖରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଅଧିବେଶନରେ ମୋଟ ୮ଟି କାର୍ଯ୍ୟଦିବସ ରହିଛି। ଏନେଇ ବିଧାନସଭା ସଚିବାଳୟ ପକ୍ଷରୁ ରାଜ୍ୟ ସଂସଦୀୟ ବ୍ୟାପାର ବିଭାଗକୁ ଅବଗତ କରାଯାଇଛି।ସୂଚନା ଅନୁସାରେ, ସପ୍ତଦଶ ଓଡିଶା ବିଧାନସଭାର ସପ୍ତମ ଅଧିବେଶନ ସେପ୍ଟେମ୍ବର ୨୨ରୁ ଆରମ୍ଭ ହୋଇ ଅକ୍ଟୋବର ୩ତାରିଖ ପର୍ଯ୍ୟନ୍ତ ଚାଲିବା ପାଇଁ କାର୍ଯ୍ୟସୂଚୀ ଚୂଡାନ୍ତ ହୋଇଛି। ଏହି ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନରେ ମୋଟ ୭ଟି ସରକାରୀ କାର୍ଯ୍ୟଦିବସ ଓ ଗୋଟିଏ ବେସରକାରୀ କାର୍ଯ୍ୟଦିବସ ସାମିଲ ରହିଛି। ସେପ୍ଟେମ୍ବର ୨୨, ୨୩ ଓ ୨୪ ତିନିଦିନ ସରକାରୀ କାର୍ଯ୍ୟଦିବସ ଧାର୍ଯ୍ୟ ହୋଇଛି। ୨୫ତାରିଖ ବେସରକାରୀ କାର୍ଯ୍ୟଦିବସ ଭାବେ ଉଦ୍ଦିଷ୍ଟ ରହିବ ଓ ବିଲ୍ ଏବଂ ସଂକଳ୍ପ ଉପରେ ଆଲୋଚନା ହେବ।ସେପ୍ଟେମ୍ବର ୨୬ ଓ ୨୭ତାରିଖ ଦଇଦିନ ଶନିବାର ଓ ରବିବାର ଯୋଗୁ ଗୃହକାର୍ଯ୍ୟ ବନ୍ଦ ରହିବ। ସେପ୍ଟେମ୍ବର ୨୮,୨୯ ଓ ୩୦ ସମେତ ଅକ୍ଟୋବର ୧ତାରିଖରେ ସରକାରୀ କାର୍ଯ୍ୟ ସମ୍ପାଦନ ହେବ। ଅକ୍ଟୋବର ୨ତାରିଖ ଗାନ୍ଧିଜୟନ୍ତୀ ପାଇଁ ବିଧାନସଭା ବନ୍ଦ ରହିବ ଓ ୩ତାରିଖରେ ସରକାରୀ କାର୍ଯ୍ୟଦିବସ ସହ ଓଡ଼ିଶା ବିଧାନସଭା ଅଧିବେଶନ ସମାପ୍ତ ହେବ ବୋଲି ଜଣାପଡିଛି ।ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଏନେଇ ସଂସଦୀୟ ବ୍ୟାପାର ବିଭାଗକୁ ଚିଠି ଲେଖି ଅବଗତ କରାଇଛନ୍ତି। ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁଯାୟୀ ସରକାରୀ ଅନୁମୋଦନ ମିଳିବା ପରେ ରାଜ୍ୟପାଳଙ୍କ ଦ୍ୱାରା ଅଧିବେଶନ ଆହ୍ୱାନ କରିବା ନିମନ୍ତେ ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ ରହିଛି।

# ବିହାରରେ ପୋଲିସ-ଶିକ୍ଷାର୍ଥୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ

ପାଟନା,୨୫।୮(ନି.ପ୍ର.): ଦିଲ୍ଲୀ ଓ ଝାରଖଣ୍ଡ ପରେ ଏବେ ବିହାରରେ ତୀବ୍ର ହୋଇଛି ଛାତ୍ର ଆନ୍‌ଦୋଳନ। ଶିକ୍ଷାର୍ଥୀ ଓ ପୁଲିସ୍ ମଧ୍ୟରେ ଦେଖିବାକୁ ମିଳିଛି ଖଣ୍ଡଯୁଦ୍ଧ। ହଜାର ହଜାର ଶିକ୍ଷାର୍ଥୀ ଓ ବିପିଏସ୍‌ସି ଆଶାୟୀଙ୍କ ଉପରେ ପୁଲିସ୍ ମାଡ କରିଛି ପାଣି। କିଛି ସ୍ଥାନରେ ପୁଲିସ୍ ଲାଠିଚାର୍ଜ କରିବାର ଖବର ମିଳିଛି। ବିକ୍ଷୋଭକାରୀମାନେ ବ୍ୟାରିକେଡ ଭାଙ୍ଗି ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ବାସଭବନ ଆଡକୁ ଯାଉଥିବା ବେଳେ ପୁଲିସ୍ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

୭୦ତମ ବିହାର ପ୍ରଶାସନିକ ସେବା (ବିପିଏସ୍‌ସି) ପରୀକ୍ଷାରେ ବ୍ୟାପକ ଅନିୟମିତତାର ଅଭିଯୋଗ କରିଛନ୍ତି ଶିକ୍ଷାର୍ଥୀ। ଏହି ପରୀକ୍ଷାକୁ ବାତିଲ କରିବା ଦାବିରେ ଆଜି ସେମାନେ କରିଛନ୍ତି ବିକ୍ଷୋଭ ଶୋଭାଯାତ୍ରା। ହଜାର ହଜାର ଶିକ୍ଷାର୍ଥୀ ବ୍ୟାରିକେଡ ଭାଙ୍ଗି ଆଗକୁ ବଢୁଥିବା ବେଳେ ପୁଲିସ୍ ସେମାନଙ୍କୁ ଅଟକାଇଥିଲା। ଏହାପରେ ଦୁଇ ପକ୍ଷ ମଧ୍ୟରେ ଦେଖିବାକୁ ମିଳିଥିଲା ଧସ୍ତାଧସ୍ତି।

ଭିଡକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ୍ ଏକାଧିକ ସ୍ଥାନରେ ଲାଠିଚାର୍ଜ କରିବା ସହ ପାଣି ମାଡ କରିଛି। ପୁଲିସ୍‌ର ଏହି କାର୍ଯ୍ୟାନୁଷ୍ଠାନକୁ ଖାତିର ନ କରି ଶତାଧିକ ଶିକ୍ଷାର୍ଥୀ ଶୋଭାଯାତ୍ରା ଜାରି ରଖିବା ସହ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗକୁ ବଢିଥିଲେ। ଏଥିପାଇଁ ପୁଲିସ୍ ଅନେକ ବିକ୍ଷୋଭକାରୀଙ୍କୁ ଉଠାଇ ନେଇଥିବା ଜଣାପଡିଛି।ଦିନ ପ୍ରାୟ ୧୦ଟା। ବିହାରର ଗାନ୍ଧି ମୈଦାନରେ ଏକାଠି ହୋଇଥିଲେ



ହଜାର ହଜାର ଶିକ୍ଷାର୍ଥୀ ଓ ବିପିଏସ୍‌ସି ଆଶାୟୀ। ସେମାନେ ବିଭିନ୍ନ ପ୍ରକାରର ନାରା ଦେଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ଶୋଭାଯାତ୍ରା ଆରମ୍ଭ କରିଥିଲେ। ସେମାନଙ୍କୁ ଅଟକାଇବା ପାଇଁ ପୁଲିସ୍ ସରକାର ବିଭିନ୍ନ ସ୍ଥାନରେ ବ୍ୟାରିକେଡ ଲଗାଇଥିଲା। କିନ୍ତୁ ବିକ୍ଷୋଭକାରୀମାନେ ଏହାକୁ ଭାଙ୍ଗି ଆଗକୁ ବଢିଥିଲେ। ଶିକ୍ଷାର୍ଥୀମାନେ ଆଗକୁ ବଢୁଥିବା ବେଳେ ପାଟନାରେ ଜମି ସମ୍ପର୍କିତ ବିବାଦ ପାଇଁ ବିକ୍ଷୋଭ କରୁଥିବା ଗୋଟିଏ ଚାଷୀ ସଂଗଠନ ସେମାନଙ୍କ ଶୋଭାଯାତ୍ରାରେ ସାମିଲ ହୋଇଥିଲା। ସେମାନଙ୍କ ହାତରେ କଳାପତକା ରହିଥିଲା। ଏହାକୁ ଦେଖି ପୁଲିସ୍ ସହ ସାମିଲ ହୋଇଥିଲେ ସିଆରପିଏଫ ଯବାନ। ବାରମ୍ବାର ଚେତାବନୀ ସତ୍ତ୍ୱେ ବିକ୍ଷୋଭକାରୀମାନେ ସେମାନଙ୍କ ଶୋଭାଯାତ୍ରାକୁ ବନ୍ଦ କରି ନଥିଲେ। ସେମାନେ ଆଗକୁ ବିବାରୁ ପୁଲିସ୍ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କହିଛି। ବିହାରର ଶିକ୍ଷାର୍ଥୀମାନେ ପାଟନାର ଗାରଦାନିବାଗ ଅଞ୍ଚଳରେ ବେଶ କିଛି ସପ୍ତାହ ହେଲା ଆନ୍‌ଦୋଳନ କରୁଛି। ବିପିଏସ୍‌ସି-ଟାୟାର ୪ରେ ଏକକ ପରୀକ୍ଷା, ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା, ବିହାର ଷ୍ଟାଫ ସିଲେକସନ କମିଶନ ଦ୍ୱାରା ପରୀକ୍ଷା ଓ ହିନ୍ଦୀ ମାଧ୍ୟମ ପିଲାଙ୍କୁ ଉପଯୁକ୍ତ ସୁଯୋଗ ଦେବାକୁ ସେମାନେ ଦାବି କରୁଛନ୍ତି। ଛାତ୍ର ଆନ୍‌ଦୋଳନକୁ ଦୃଷ୍ଟି ରଖି ବିହାର ସକରାର ସେମାନଙ୍କ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ସରକାର ଆଲୋଚନା ସକାରାତ୍ମକ ରହିବା କହୁଥିଲେ ହେଁ ଆନ୍‌ଦୋଳନ ବନ୍ଦ ହୋଇ ନଥିଲା। ସରକାରଙ୍କ ସହ ଆଲୋଚନା କରିବା ପରେ ବିକ୍ଷୋଭକାରୀ ଆଜି ଗାନ୍ଧି ମୈଦାନରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ଶୋଭାଯାତ୍ରା ପାଇଁ ଡାକରା ଦେଇଥିଲେ। ଏହି ଘୋଷଣା ଅନୁସାରେ ଆଜି ଶୋଭାଯାତ୍ରା ବେଳେ ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଛି। ସେମାନେ ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ସହ ସିଧାସଳଖ ଆଲୋଚନା ଦାବିରେ ଏପରି ଶୋଭାଯାତ୍ରା କରିଛନ୍ତି। ଏପଟେ ଛାତ୍ର ଆନ୍‌ଦୋଳନ ଭିତରେ ବିହାର ସରକାର ମଙ୍ଗଳବାର ମାସିକ ବିଦ୍ୟାର୍ଥୀ ସହଯୋଗ ଶିବିରର ଲଞ୍ଚ କାଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷାର୍ଥୀଙ୍କ ଆପତ୍ତିକୁ ଶୁଣିବେ ସରକାର। ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ପ୍ରତି ମାସର ୪ର୍ଥ ମଙ୍ଗଳବାର ସ୍ୱତନ୍ତ୍ର ଅଭିଯୋଗ ପ୍ରକଷ୍ଠ ରହିବ। ସେହିଦିନ ପିଲାମାନେ ଅଧିକାରୀମାନଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ଜଣାଇ ପାରିବେ। ଏହାବାଦ ପିଲାମାନେ ୧୧୦୦ ନମ୍ବରରେ ଫୋନ କରି ନିଜର ଅଭିଯୋଗ ଦଖଲ କରିପାରିବେ ବୋଲି ସରକାର କହିଛନ୍ତି।





ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଏହି ପବିତ୍ର ଅବସର ଆମ ସମାଜରେ ଶାନ୍ତି, ପାରସ୍ପରିକ ସମ୍ମାନ ଓ ସଦ୍‌ଭାବନାକୁ ଅଧିକ ସୁଦୃଢ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0094 15001/94/2627



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ପିହୁ କେଉଁଠି ?

ପିହୁ ନାମଟି ଆଜି କେବଳ ଯାଜପୁରର ଏକ ନିଖୋଜ ଶିଶୁର ନାମ ନୁହେଁ, ଏହା ଓଡ଼ିଶାର ବିବେକକୁ ବାରମ୍ବାର ଦୋହଲାଇ ଦେଉଥିବା ଏକ ପ୍ରଶ୍ନ—ଏକ ଛୋଟ ଝିଅ କେଉଁଠି ଗଲା ? ୨୦୨୦ ଅଗଷ୍ଟ ୯ରୁ ବିଞ୍ଝାରପୁର ଅଞ୍ଚଳରୁ ନିଖୋଜ ହୋଇଥିବା ପିହୁଙ୍କୁ ଏଯାଏଁ ଠାବ କରାଯାଇପାରିନାହିଁ। ଘଟଣାର ବର୍ଷଗୁଡ଼ିକ ବିତିଯାଇଛି, ପରିବାରର ଅପେକ୍ଷା ଆଜି ମଧ୍ୟ ଶେଷ ହୋଇନାହିଁ, ଆଉ ଏକ ମାଆର ଆଖିରେ ନିଜ ଝିଅ ଫେରିଆସିବାର ଆଶା ଆଜି ମଧ୍ୟ ଜୀବନ୍ତ। ପୋଲିସ ପୂର୍ବରୁ ସ୍ୱତନ୍ତ୍ର ଦଳ ଗଠନ କରି ତଦନ୍ତ କରିଥିଲା ଏବଂ ପିହୁଙ୍କ ସନ୍ଧାନ ପାଇଁ ପୁରସ୍କାର ଘୋଷଣା ମଧ୍ୟ ହୋଇଥିଲା। ମାତ୍ର ତଦନ୍ତର ଏତେ ସମୟ ପରେ ମଧ୍ୟ ଯଦି ପରିବାରକୁ ନିଶ୍ଚିତ ଉତ୍ତର ମିଳୁନାହିଁ, ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ—କେଉଁଠି ଅଟକିଛି ତଦନ୍ତ, କାହିଁକି ଅଟକିଛି ତଦନ୍ତ ଏବଂ ଆଉ କେତେଦିନ ଅପେକ୍ଷା କରିବେ ଜଣେ ମାଆ ? ଏହି ପରିପ୍ରେକ୍ଷିତରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରାଙ୍କ ପକ୍ଷରୁ ପିହୁ ନିଖୋଜ ଘଟଣାକୁ ନେଇ ପୂର୍ବତନ ସରକାର ସମୟରେ ରାଜନୈତିକ ହସ୍ତକ୍ଷେପ ଥିବା ନେଇ ଯେଉଁ ଗୁରୁତର ଅଭିଯୋଗ ଉଠାଯାଉଛି, ତାହା ଯଦି ସତ୍ୟର ଆଧାର ରଖେ, ତେବେ ଏହା ସାଧାରଣ ରାଜନୈତିକ ବାକ୍ ?ବିତଣ୍ଡା ନୁହେଁ; ଏହା ଏକ ଶିଶୁର ନ୍ୟାୟ ଓ ଏକ ପରିବାରର ମୌଳିକ ଅଧିକାର ସହ ଜଡ଼ିତ ଅତ୍ୟନ୍ତ ଗୁରୁତର ବିଷୟ। କିନ୍ତୁ ଏଠାରେ ରାଜନୀତି ଠାରୁ ବଡ଼ ହେଉଛି ପ୍ରମାଣ। କୌଣସି ନେତାଙ୍କ ଅଭିଯୋଗ ମାତ୍ରରେ କାହାକୁ ଦୋଷୀ କରାଯାଇପାରେ ନାହିଁ, ସେହିପରି ଅଭିଯୋଗକୁ ରାଜନୈତିକ ବୟାନ କହି ଅଣଦେଖା ମଧ୍ୟ କରାଯାଇପାରେ ନାହିଁ। ଦୁଇ ବର୍ଷ କିମ୍ବା ତାଠାରୁ ଅଧିକ ସମୟ ପରେ ଯଦି ଏପରି ଗୁରୁତର ଦାବି ସାମ୍ନାକୁ ଆସେ, ତେବେ ତାହାର ପ୍ରଥମ ପରୀକ୍ଷା ହେବା ଉଚିତ ପ୍ରମାଣର, ଦ୍ୱିତୀୟ ପରୀକ୍ଷା ହେବା ଉଚିତ ତଦନ୍ତର ଏବଂ ତୃତୀୟ ପରୀକ୍ଷା ହେବା ଉଚିତ ରାଜନୈତିକ ନିରପେକ୍ଷତାର। ଯଦି ସାଂସଦଙ୍କ ପାଖରେ ରାଜନୈତିକ ହସ୍ତକ୍ଷେପ ସମ୍ପର୍କିତ କୌଣସି ଦସ୍ତାବିଜ, ଫୋନ ତଥ୍ୟ, ସାକ୍ଷୀ, ପୋଲିସ ରେକର୍ଡ, ପ୍ରଶାସନିକ ନିର୍ଦ୍ଦେଶ କିମ୍ବା ଅନ୍ୟ କୌଣସି ଠୋସ ପ୍ରମାଣ ରହିଛି, ତେବେ ସେଗୁଡ଼ିକୁ ତଦନ୍ତକାରୀ ସଂସ୍ଥା ସମ୍ମୁଖରେ ଦେବା ଉଚିତ। କାରଣ ଜନତା ଅଭିଯୋଗ ଶୁଣିବାକୁ ଚାହୁଁନାହାନ୍ତି, ଜନତା ଚାହୁଁଛନ୍ତି ସତ୍ୟ। ଅନ୍ୟପଟେ ବର୍ତ୍ତମାନ ବିରୋଧୀ ରାଜନୈତିକ ଶିବିରର ମଧ୍ୟ ଅଧିକାର ଅଛି ନିଜ ପକ୍ଷ ରଖିବାର। କିନ୍ତୁ ଯଦି ତଦନ୍ତରେ ସହଯୋଗ କରିବା ପରିବର୍ତ୍ତ ? ଏହି ଘଟଣାକୁ କେବଳ ରାଜନୈତିକ ପ୍ରତିଶୋଧ ବୋଲି କୁହାଯାଏ, ତେବେ ପ୍ରଶ୍ନ ଉଠିବ—ତାହେଲେ ପିହୁ ପରିବାରର ଦୁଃଖର ସମାଧାନ କେବେ ହେବ ? ସେହିପରି ଶାସକ ଦଳ ମଧ୍ୟ ଏହି ମାମଲାକୁ ବିରୋଧୀଙ୍କୁ ଆକ୍ରମଣ କରିବାର ଅସ୍ତ୍ର ଭାବେ ନୁହେଁ, ନ୍ୟାୟର ଦ୍ୱାର ଖୋଲିବାର ଅବସର ଭାବେ ଦେଖିବା ଦରକାର। ଏଠାରେ ଆଉ ଏକ ବଡ଼ ପ୍ରଶ୍ନ ରହିଛି—ଏତେ ବର୍ଷ ପରେ ଯଦି ନୂଆ ଅଭିଯୋଗ ଉଠୁଛି, ତେବେ ପୂର୍ବରୁ ହୋଇଥିବା ତଦନ୍ତର ପ୍ରତ୍ୟେକ ପର୍ଯ୍ୟାୟକୁ ପୁନଃପରୀକ୍ଷା କରିବା ଦରକାର କି ନାହିଁ? ନିଖୋଜ ହେବାର ପ୍ରଥମ ଦିନରୁ କେଉଁମାନେ ଘଟଣାସ୍ଥଳକୁ ଯାଇଥିଲେ, କାହାର ବୟାନ ନିଆଯାଇଥିଲା, କେଉଁ ସନ୍ଦେହକୁ ଗୁରୁତ୍ୱ ଦିଆଯାଇଥିଲା, କେଉଁ ସମ୍ଭାବନାକୁ ଅଣଦେଖା କରାଯାଇଥିଲା, ଏବଂ କୌଣସି ଚାପ କିମ୍ବା ହସ୍ତକ୍ଷେପ ଥିଲା କି ନାହିଁ—ଏସବୁ ପ୍ରଶ୍ନର ନିରପେକ୍ଷ ଉତ୍ତର ଆବଶ୍ୟକ। ପିହୁଙ୍କ ପରିବାର ପୂର୍ବରୁ ମଧ୍ୟ ସିବିଆଇ ତଦନ୍ତ ଦାବି କରିଆସୁଛନ୍ତି; ୨୦୨୪ରେ ପରିବାର ପକ୍ଷରୁ ନିରାଶା ପ୍ରକାଶ କରାଯାଇଥିବା ଏବଂ ନ୍ୟାୟ ପାଇଁ ସିବିଆଇ ତଦନ୍ତ ଦାବି କରାଯାଇଥିବା ରିପୋର୍ଟ ମଧ୍ୟ ରହିଛି। ଏପରି ପରିସ୍ଥିତିରେ ରାଜ୍ୟର ତଦନ୍ତକାରୀ ସଂସ୍ଥା ପ୍ରତି ପରିବାର କିମ୍ବା ସାଧାରଣ ଲୋକଙ୍କ ବିଶ୍ୱାସ ଯଦି ପ୍ରଶ୍ନରେ ପଡୁଛି, ତେବେ ଉଚ୍ଚସ୍ତରୀୟ ସ୍ୱାଧୀନ ତଦନ୍ତ ବିଚାର କରିବାରେ ଅପତ୍ତି କାହିଁକି ? ଅପରାଧ ଶାଖା ନିଜେ ନୂଆ କରି ମାମଲାର ସମସ୍ତ ଦିଗ ଖୋଲିପାରେ, ଆବଶ୍ୟକ ହେଲେ ନ୍ୟାୟିକ ନିରୀକ୍ଷଣରେ ତଦନ୍ତ ହୋଇପାରେ, ଏବଂ ଯଦି ଯଥେଷ୍ଟ କାରଣ ଥାଏ ତେବେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଭଳି ସ୍ୱାଧୀନ ସଂସ୍ଥାକୁ ତଦନ୍ତ ଦେବା ନେଇ ମଧ୍ୟ ବିଚାର ହୋଇପାରେ। ଲକ୍ଷ୍ୟ ଗୋଟିଏ—ଦୋଷୀ କିଏ ତାହା ପ୍ରମାଣ କରିବା ଏବଂ ନିର୍ଦ୍ଦୋଷଙ୍କୁ ଅନ୍ୟାୟ ଅଭିଯୋଗରୁ ମୁକ୍ତ ରଖିବା। ଏହି ଘଟଣାରେ ଆଉ ଏକ ରାଜନୈତିକ ଶିକ୍ଷା ଲୁଚିଛି। ସରକାର ବଦଳିଲେ ତଦନ୍ତର ଦିଗ ବଦଳିବା ଉଚିତ ନୁହେଁ। ଦଳ ବଦଳିଲେ ସତ୍ୟର ମାନଦଣ୍ଡ ବଦଳିବା ଉଚିତ ନୁହେଁ। ଶାସକ ଦଳର ନେତା ହେଉନ୍ତୁ କି ବିରୋଧୀ ଦଳର ନେତା, କେହି ଆଇନଠାରୁ ଉପରେ ନୁହେଁ। ପିହୁ ଯଦି ଅପହରଣର ଶିକାର ହୋଇଥାନ୍ତି, ଅପରାଧୀକୁ ଖୋଜିବା ଦରକାର; ଯଦି କୌଣସି ଅବହେଳା ହୋଇଥାଏ, ଦାୟୀଙ୍କୁ ଚିହ୍ନଟ କରିବା ଦରକାର; ଯଦି କୌଣସି ରାଜନୈତିକ ଚାପ ଥିଲା, ତାହାର ପ୍ରମାଣ ସାମ୍ନାକୁ ଆସିବା ଦରକାର; ଆଉ ଯଦି ଏପରି ଅଭିଯୋଗ ଭିତ୍ତିହୀନ, ତେବେ ତାହା ମଧ୍ୟ ତଦନ୍ତରେ ସ୍ପଷ୍ଟ ହେବା ଦରକାର। ଏହା ହେଉଛି ଗଣତନ୍ତ୍ରର ସୌନ୍ଦର୍ଯ୍ୟ। ଅଭିଯୋଗକୁ ଦମନ କରିବା ନୁହେଁ, ଅଭିଯୋଗକୁ ପ୍ରମାଣର କଷଟିରେ ପରୀକ୍ଷା କରିବା ହେଉଛି ଗଣତାନ୍ତ୍ରିକ ଉତ୍ତର। ପିହୁଙ୍କ ମାଆ ପାଇଁ ଏହା ରାଜନୀତି ନୁହେଁ, ଏହା ତାଙ୍କ ଜୀବନର ସବୁଠାରୁ ବଡ଼ ଅପେକ୍ଷା। ତେଣୁ ତାଙ୍କ ଲୁହକୁ କୌଣସି ଦଳୀୟ ରଙ୍ଗରେ ରଙ୍ଗାଇବା ଅନୁଚିତ। ସାଂସଦଙ୍କ ଅଭିଯୋଗ ସତ୍ୟ ହେଲେ ସତ୍ୟ ସାମ୍ନାକୁ ଆସୁ, ଅଭିଯୋଗ ଭୁଲ ହେଲେ ସେଥିରେ ମଧ୍ୟ ପରଦା ହଟୁ। କିନ୍ତୁ ଏତେ ବର୍ଷ ପରେ ମଧ୍ୟ ପିହୁଙ୍କ ଠିକଣା ଅଜଣା ରହିବା ହିଁ ସବୁଠାରୁ ବଡ଼ ବିଫଳତା। ଏବେ ଦରକାର ଅଭିଯୋଗର ରାଜନୀତି ନୁହେଁ, ତଦନ୍ତର ପାରଦର୍ଶିତା; ବୟାନର ଯୁଦ୍ଧ ନୁହେଁ, ପ୍ରମାଣର ପରୀକ୍ଷା; ଦଳୀୟ ଦୋଷାରୋପ ନୁହେଁ, ଏକ ମାଆର ପ୍ରଶ୍ନର ଉତ୍ତର। ପିହୁ କେଉଁଠି—ଏହି ପ୍ରଶ୍ନର ଉତ୍ତର ମିଳିବା ପର୍ଯ୍ୟନ୍ତ ଓଡ଼ିଶାର ବିବେକ ଶାନ୍ତ ହେବା ଉଚିତ ନୁହେଁ। ଯଦି ଅପରାଧ ଘଟିଛି, ଅପରାଧୀ ଧରାପଡ଼ୁ; ଯଦି ହସ୍ତକ୍ଷେପ ହୋଇଛି, ହସ୍ତକ୍ଷେପକାରୀ ପ୍ରକାଶ ପାଉ; ଯଦି ତଦନ୍ତରେ ତ୍ରୁଟି ହୋଇଛି, ଦାୟିତ୍ୱ ନିର୍ଦ୍ଧାରିତ ହେଉ। ଏବଂ ଯଦି ସତ୍ୟକୁ ଖୋଜିବା ପାଇଁ ଅପରାଧ ଶାଖାର ପୁନଃତଦନ୍ତ କିମ୍ବା କେନ୍ଦ୍ରୀୟ ତଦନ୍ତ ଆବଶ୍ୟକ ହୁଏ, ତେବେ ସେଥିରେ ଦେରି କରିବାର ଅର୍ଥ ହେବ ଆଉ ଗୋଟିଏ ଦିନକୁ ନ୍ୟାୟରୁ ଦୂରେଇ ଦେବା। ପିହୁ ପାଇଁ ଏବେ ରାଜନୈତିକ ନାରା ନୁହେଁ—ଦରକାର ନିର୍ଭୟ, ନିରପେକ୍ଷ ଓ ନିଷ୍ପତ୍ତିମୂଳକ ତଦନ୍ତ। ସତ୍ୟ ଯେଉଁଠି ଥାଉ, ସତ୍ୟକୁ ସେଠାରୁ ଆଣିବା ହିଁ ରାଜ୍ୟର ଦାୟିତ୍ୱ।

# ଚେଇଁ ଶୋଇଲେ

### ଅକ୍ଷୟ କୁମାର ମିଶ୍ର

ଆମ ଆଖି ସାମନାରେ ଅନେକ ଅନ୍ୟାୟ କାର୍ଯ୍ୟ ହେଉଥିବାର ଆମେ ଦେଖୁ । କେତେବେଳେ ଆମେ ଚୁପ୍ ରହୁ ନିଜକୁ ସୁବିଧା ଜନକ ସ୍ଥିତିରେ ରଖିବା ପାଇଁ । ଆଉ କେତେବେଳେ ଆମେ ପ୍ରତିକ୍ରିୟା ପ୍ରକାଶ କରୁ ଆମ ବିବେକର ତାଡ଼ନାରେ । କିଛି ଦିନ ଅନ୍ତେ ପୁଣି ଆମେ ସେକଥା ଭୁଲିଯାଉ ନିଜ କାର୍ଯ୍ୟରେ ବ୍ୟସ୍ତ ରହି । ଖୁବ୍ କମ୍ ଲୋକ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆଗେଇ ଆସନ୍ତି କାରଣ ସେମାନେ ସଚେତନ ଓ ସାହସୀ । ଆମେ କିଛି କଥା ଶୁଣୁ ଯାହା ଶ୍ରୁତିକଟୁ । କିନ୍ତୁ ଆମେ ପ୍ରତିବାଦ କରୁନା କାରଣ ଆମେ ଧରି ନେଉ ଏଥିରେ ଆମର କିଛି କ୍ଷତି ହେଉ ନାହିଁ । ଆମ ଭିତରୁ କିଛି ଲୋକ ଏହାକୁ ନାପସନ୍ଦ କରନ୍ତି କିନ୍ତୁ ବିରୋଧ କରନ୍ତି ନାହିଁ । ଖୁବ୍ କମ୍ ସଂଖ୍ୟକ ଲୋକ ଏହାକୁ ଦୃଢ଼ ଭାବରେ ବିରୋଧ କରନ୍ତି କାରଣ ସେମାନେ ବିଚାରବନ୍ତ, ସମାଜକୁ ଭଲ ପାଆନ୍ତି ବୋଲି । ସମାଜର କ୍ଷତି ହେଲେ ସେଥିରେ ବସବାସ କରୁଥିବା ପ୍ରତ୍ୟେକଙ୍କର କ୍ଷତି ହେବ ବୋଲି ସେମାନଙ୍କର ବିଚାର ।

ଆମେ କିଛି ଅନ୍ୟାୟ, ଅନୀତି, ଦୁର୍ନୀତି ସମ୍ପର୍କରେ ବିଭିନ୍ନ ଉତ୍ସରୁ ଅବଗତ ହେଉ, ଯଥା- କେତେବେଳେ ଖବର କାଗଜ କିମ୍ବା ପତ୍ରପତ୍ରିକାରୁ, ଟିଭି ପରଦାରୁ, ବିଭିନ୍ନ ସାମାଜିକ ଗଣମାଧ୍ୟମରୁ, ପୁସ୍ତକ ଅଧ୍ୟୟନରୁ ନହେଲେ ବିଭିନ୍ନ ସଭାସମିତିରୁ । କିନ୍ତୁ ଜାଣିବା ପରେ ମଧ୍ୟ ଆମେ ନୀରବତା ଅବଲମ୍ବନ କରିବାକୁ ଉଚିତ ମଣୁ । ଏହି ଚୁପ୍ ରହିବା ପଛରେ ଅନେକ ଗୁଡ଼ିଏ କାରଣ ଥାଏ । ପ୍ରଥମତଃ ଆମେ ନିଜକୁ ଅସହାୟ ମଣୁ । ଆମେ ଭାବୁ ଏଥିରେ ଆମେ କ'ଣ କରିବୁ ? ଦ୍ୱିତୀୟରେ ଆମେ ଯଦି ବିରୋଧରେ ମୁହଁ ଖୋଲିବୁ ତେବେ ନାନାଦି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ । କାଦୁଅରେ ପଶିଲେ ସିନା ଗୋଡ଼ ଧୋଇବାକୁ ପଡ଼ିବ ! ତୃତୀୟରେ ଏହି ଅନ୍ୟାୟ ଅତ୍ୟାଚାର ଦ୍ୱାରା ଆମର ତ କିଛି କ୍ଷତି ହେଉ ନାହିଁ, ଏଣୁ କହିବା କ'ଣ ଦରକାର । ଚତୁର୍ଥରେ ଦେଶରେ ଏତେ ଲୋକ ଥାଉଁ ଥାଉଁ ମୋର କହିବା କ'ଣ ଦରକାର । ପଞ୍ଚମରେ ସେମାନେ ବଡ଼ଲୋକ । ସାତ ଖୁଣ୍ ମାଫ୍ । ସରଗକୁ ନିଶୁଣୀ ନାହିଁ କି ବଡ଼ ଲୋକଙ୍କୁ ଉତ୍ତର ନାହିଁ । ଷଷ୍ଠରେ ଆମ ଭିତରେ ଏମିତି ଏକ ଧାରଣା ସୃଷ୍ଟି ହୋଇଯାଇଛି ଯେ ଆଉ ନୀତି ନୈତିକତାକୁ ଧରି ବସିଲେ ଚଳିବନି । ଲଙ୍କାକୁ ଯିଏ ଯିବ ସେ ହେବ ଅସୁର ସମାନ । ସମସ୍ତେ ଜାଣି ଅଜଣା । ଆଉ କିଛି ଲୋକ ସହଜେ ବିଶ୍ୱାସ କରନ୍ତି ନାହିଁ । କହିଲେ ଦେଖି କିଏ ନଜାଣିଛି, ଆମ ଦେଶର ହାଲଚାଲ । ବିଭିନ୍ନ ସମସ୍ୟାରେ ଜର୍ଜରିତ ଲୋକମାନେ । ଦରବୃଦ୍ଧି ଜନିତ ସମସ୍ୟା କାହାକୁ ବାଧୁ ନାହିଁ ? ସମସ୍ତ ଜିନିଷର ଦରଦାମ ଆକାଶ ଛୁଆଁ । ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍, ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ ଅନିୟନ୍ତ୍ରିତ । ଗରିବ, ମଧ୍ୟବିତ୍ତ ସମସ୍ତେ ଅତିଷ୍ଠ । ଅଥଚ କେହି ମୁହଁ ଖୋଲୁଛନ୍ତି ? ଯାହା ଦେଖାଯାଏ ଅଳ୍ପ କିଛି ସଚେତନ ଲୋକ ପ୍ରତିବାଦ କରନ୍ତି । ସେମାନେ ଆମକୁ ସାଙ୍ଗରେ ଯିବାକୁ ଡାକନ୍ତି । ଉପରୋକ୍ତ କାରଣ ପାଇଁ ଆମେ ସାଥି ହେଉନା ବରଂ ଏମାନଙ୍କୁ ଦେଖି ଦାନ୍ତ ଦେଖାଇ ହସୁ । କହିବାକୁ ପଛାଉନା । ''କିଏ ଏମାନଙ୍କ କଥା ଶୁଣିବ ?'' ଯିଏ ଯେତେବେଳେ ଶାସନର ମଙ୍ଗ ଧରିଲା ସେ ଦରବୃଦ୍ଧିସପକ୍ଷରେ କହିଲା । କାହିଁକି ନା ଏମାନଙ୍କୁ ଦରବୃଦ୍ଧି ବାଧେନା । ଆପଣ ଜାଣନ୍ତି କି, ସବୁ ଜିନିଷ ଯେତେବେଳେ କ୍ରମଶଃ ମହଙ୍ଗା ହେଉଛି ସେତିକିବେଳେ ଆମ ଦେଶର ଏମିତି ଗୋଟିଏ ଜାଗା ଅଛି ଯେଉଁଠାରେ ମହଙ୍ଗାର ଛାଟ ଆଦୌ ବାଜେନା ? ସେଠାରେ ଏତେ ଶସ୍ତାରେ ବିଭିନ୍ନ ଖାଦ୍ୟ ପଦାର୍ଥ ଯୋଗାଇ ଦିଆଯାଏ ଶୁଣିଲେ ଆଶ୍ଚର୍ଯ୍ୟ ହେବେ । କେହି କେହି କଥାଟିକୁ ଆଦୌ ବିଶ୍ୱାସ କରିବେ ନାହିଁ । ବିଶ୍ୱାସ କରନ୍ତୁ ବା ନକରନ୍ତୁ ୨୪ କ୍ୟାରେଟ୍ ସୁନା ଭଳି ପୁରା ଖାଣ୍ଟି । ଆମ ଦେଶରେ ଅଧିକାଂଶ ଗରିବ ଲୋକ ସକାଳେ ଚା' ପିଇ ଚଳିଯାଆନ୍ତି । ଏବେ ଏକ କପ୍ ଚା'ର ମୂଲ୍ୟ ଦଶଟଙ୍କା । କିନ୍ତୁ ସେହି ଶସ୍ତା ଇଲାକାରେ ଏକ କପ୍ ଚା ମାତ୍ର ଏକ ଟଙ୍କାରେ ମିଳେ ତାହା ପୁଣି ଗୁଣାତ୍ମକ ଦୃଷ୍ଟିରୁ ଅନ୍ୟ ଯେକୌଣସି ଠାରେ ବିକ୍ରି ହେଉଥିବା ଚା' କପ୍ ଠାରୁ ଢେର ଭଲ । କେବଳ ଚା' କପ୍ କଥା ନୁହେଁ ବାର ଟଙ୍କା ପଚାଶ ପଇସାରେ ଭାତ ତରକାରୀ, ତେର ଟଙ୍କାରେ ମାଛ ଭାତ, ଚିକିନ୍ ମିଲ୍ କୋଡ଼ିଏ ଟଙ୍କା ପଚାଶ ପଇସା, ଦହି ଭାତ ଏଗାର ଟଙ୍କାରେ, ଦୋସା ଚାରି ଟଙ୍କାରେ ମିଳେ । ଏମିତି ଅନ୍ୟାନ୍ୟ ସବୁ ପ୍ରକାର ଖାଦ୍ୟର ମୂଲ୍ୟ ଏଠାରେ ବହୁତ କମ୍ । ଆପଣ ଜାଣନ୍ତି କି ଏତେ ଶସ୍ତା ଦରରେ ଏମିତି ଖାଦ୍ୟ କେଉଁଠି ମିଳେ ? ଭାରତର ରାଜଧାନୀ ଦିଲ୍ଲୀରେ ଥିବା ସାଂସଦ ଭବନର କ୍ୟାଣ୍ଟିନ୍‌ରେ ଏହି ସବୁ ସୁସ୍ୱାଦୁ ଖାଦ୍ୟ ପରିବେଷଣ ହୁଏ ସବୁଠାରୁ ଶସ୍ତାରେ । ହେଲେ ସାଧାରଣ ଲୋକଙ୍କ ପାଇଁ ନୁହେଁ ।

ଯେଉଁମାନେ ଆମ ଦେଶର ଭାଗ୍ୟ ବିଧାତା, ସାଧାରଣ ଲୋକଙ୍କ ପାଇଁ ନିୟମ ଗଢ଼ନ୍ତି, ଲୋକଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ଈଶ୍ୱରଙ୍କ ନାମରେ ଶପଥ ନେଇଥାନ୍ତି ସେହି ସଂସଦମାନଙ୍କ ପାଇଁ ଭାରତର ପର୍ଯ୍ୟଟନ ବିଭାଗ ତରଫରୁ ଏଭଳି ସୁନ୍ଦର ବ୍ୟବସ୍ଥା କରାଯାଇଥାଏ । ବୋଧହୁଏ ସେମାନେ ସବୁଠାରୁ ଗରିବ । ଦାରିଦ୍ର୍ୟ ସୀମାରେଖା ତଳେ ଏମାନେ ଅଛନ୍ତି । ନହେଲେ ଏତେ ସବସିଡ଼ ବା ମିଳନ୍ତା କେମିତି ? ହେଲେ ଆପଣ ଜାଣନ୍ତିତ ୫୪୩ ଜଣ ସାଂସଦଙ୍କ ମଧ୍ୟରୁ ୫୦୪ ଜଣ ସାଂସଦ କୋଟିପତି ତାଲିକାରେ । ଏହା ବାଦ୍ ଏହି ଗରିବ ସାଂସଦମାନେ ମାସକୁ ଦରମା ନିଅନ୍ତି ଏକ ଲକ୍ଷ ଚବିଶ ହଜାର ଟଙ୍କା, ନିର୍ବାଚନ ମଣ୍ଡଳୀ ଗସ୍ତ ପାଇଁ ମାସକୁ ୮୭ ହଜାର ଟଙ୍କା, ଅଫିସ ଖର୍ଚ୍ଚ ବାବଦରେ ମାସକୁ ୫୦ ହଜାର ଟଙ୍କା । ସଭା ଚାଲିବା ସମୟରେ ଦୈନିକ ୨୫୦୦ ଟଙ୍କା ମିଳିବା ସହିତ ଦିଲ୍ଲୀରେ ଦେୟମୁକ୍ତ ବାସ ଭବନ, ବର୍ଷକୁ ୫୦ ହଜାର ୟୁନିଟ୍ ବିଦ୍ୟୁତ୍ ଏବଂ ଚାରି ହଜାର କିଲୋଲିଟର ପାଣି ବର୍ଷକୁ ମାଗଣାରେ ଯୋଗାଇ ଦିଆଯାଏ । ପରିବାରର ସମସ୍ତ ସଦସ୍ୟ ମାଗଣାରେ ସ୍ୱାସ୍ଥ୍ୟ ସେବା ପାଆନ୍ତି । ଟେଲିଫୋନ୍ ଓ ଇଣ୍ଟରନେଟ୍ ସଂଯୋଗ ପାଇଁ ବର୍ଷକୁ ଦେଢ଼ ଲକ୍ଷ ଟଙ୍କା ଦେବାର ବ୍ୟବସ୍ଥା ଅଛି । ଏହା ବ୍ୟତୀତ ପ୍ରଥମ ଶ୍ରେଣୀ ଟ୍ରେନ୍ ଟିକେଟ୍ ସମ୍ପୂର୍ଣ୍ଣ ମାଗଣାରେ ମିଳୁଥିବା ବେଳେ ବର୍ଷରେ ୩୪ ଥର ମାଗଣା ବିମାନ ଯାତ୍ରାର ସୁବିଧା ଉପଲବ୍ଧ । ପୁଣି ଏହି ଆୟ ବାବଦକୁ ଟଙ୍କାଟିଏ ଟିକସ ଏମାନଙ୍କୁ ଦେବାକୁ ପଡ଼େ ନାହିଁ । ବିଡ଼ମ୍ବନା ହେଉଛି ସେବକ ବୋଲାଉଥିବା ସାଂସଦମାନେ ଏଭଳି ମୋଟା ଅଙ୍କର ଦରମା ଓ ଭତ୍ତା ନେଉଥିବା ବେଳେ ବାର୍ଦ୍ଧକ୍ୟ ଭତ୍ତାର ବୃଦ୍ଧି ପାଇଁ ଏମାନେ ମୁହଁ ଖୋଲନ୍ତି ନାହିଁ ।

ଏହା ବ୍ୟତୀତ ଆପଣ ନିଶ୍ଚୟ ଜାଣିଥିବେ ନିଜ ନିର୍ବାଚନ ମଣ୍ଡଳୀର ବିକାଶ ନିମନ୍ତେ ଏହି ଉପର ଜନପ୍ରତିନିଧିଙ୍କୁ ବାର୍ଷିକ ପାଞ୍ଚ କୋଟି ଟଙ୍କା ହାତ ପାଣ୍ଠି (ଙ୍କଭଞ୍ଜସରୟ ଲଙ୍କଭୟ) ଦିଆଯାଏ । ଏହି ଅର୍ଥକୁ ସେମାନେ ଇଚ୍ଛାନୁସାରେ ବିଭିନ୍ନ ଅଞ୍ଚଳରେ ବିନିଯୋଗ କରନ୍ତି । କାହାକୁ କହିବାକୁ ପଡ଼େ ନାହିଁ, ଯେଉଁ କଣ୍ଟ୍ରାକ୍ଟରମାନେ କାମ କରନ୍ତି ସେମାନେ ସେଥିରୁ କିଛି ଅଂଶ ପ୍ରତିନିଧିଙ୍କ ବ୍ୟକ୍ତିଗତ ଖର୍ଚ୍ଚ(ପି.ସି.) ବାବଦକୁ ଦିଅନ୍ତି । ଶୁଣିବା କଥା କାମ ପାଇବା ପାଇଁ କୁଆଡ଼େ ଅଗ୍ରୀମ କିଛି ଟଙ୍କା ଦେଉଛନ୍ତି । କେବଳ ଜନପ୍ରତିନିଧି ନୁହଁନ୍ତି ଅଧିକାରୀମାନେ ମଧ୍ୟ ଏଥିରୁ କିଛି ହାତ ଚିକ୍କଣ କରୁଛନ୍ତି । ଫଳରେ କାମ ଯେମିତି ହେଉଛି, ମଞ୍ଜୁର ହୋଇଥିବା ଅର୍ଥର କେତେ ପ୍ରତିଶତ କାମ ହେଉଛି ସଭିଏଁ ଜାଣୁଛନ୍ତି, ସ୍ୱଚକ୍ଷୁରେ ଦେଖୁଛନ୍ତି ମଧ୍ୟ । ସାଧାରଣ ଲୋକଙ୍କୁ ହୁଏତ ଏସବୁ କଥା ମାଲୁମ ଥାଇ ନପାରେ । କିନ୍ତୁ ସମସ୍ତ ଶିକ୍ଷାବିତ୍, ବୁଦ୍ଧିଜୀବୀ, ସାମ୍ବାଦିକ, ପତ୍ରକାର, ଓକିଲ, ଲେଖକଙ୍କୁ ନିଶ୍ଚୟ ଏହା ଜଣାଥିବ । କିନ୍ତୁ ସଭିଏଁ ଗାନ୍ଧିଜୀଙ୍କ ତିନି ମାଙ୍କଡ଼ ଭଳି ଆଖି, କାନ, ମୁହଁରେ ହାତ ଦେଇ ବସିଛନ୍ତି । ଏ ଦେଶରେ ନିର୍ବାଚିତ ଜନ ପ୍ରତିନିଧିମାନେ ଈଶ୍ୱରଙ୍କ ନାମରେ ଶପଥ କରି ଏହି ସମସ୍ତ ସୁବିଧା ସୁଯୋଗ ହାତେଇ ଚାଲିଛନ୍ତି । ଆଉ ଦେଶର ଶିକ୍ଷିତ ମଣିଷମାନେ ନିଜ ବିବେକ ନାମରେ ଶପଥ କରିଛନ୍ତି ବୋଧହୁଏ ଆଖି ସାମନାରେ ଯେତେ ଅନ୍ୟାୟ, ଅତ୍ୟାଚାର ହେଉ ପଛକେ କିଛି ଦେଖିବେ ନାହିଁ । ଯିଏ ଯେତେ ଆକୁଳ ଚିତ୍କାର କରୁଛି କରୁ, କିଛି ଶୁଣିବେ ନାହିଁ । ଆଉ ସବୁ କିଛି ଦେଖି, ଶୁଣି, ଜାଣି ମଧ୍ୟ ମୁହଁରେ ହାତ ଦେଇ ବସିଛନ୍ତି । ପଣ କରିଛନ୍ତି ମୁଁହ ଖୋଲିବେ ନାହିଁ । ଏ ଦେଶରେ ଯେତେ ବଡ଼ ବଡ଼ ଦୁର୍ନୀତି ହୋଇଛି, ଗଣ ଦୁଷ୍କର୍ମ ହୋଇଛି, ବର୍ବୋରଚିତ ହତ୍ୟାକାଣ୍ଡ ହୋଇଛି କେଉଁ କଥା ଆମେ ଜାଣିନେ ? ବାଲି, ଗୋଡ଼ି, ପଥର, ଖଣିଜ ପଦାର୍ଥ ଚାଲାଣ ଚାଲିଛି ସ୍ପଷ୍ଟ ଦିବାଲୋକରେ । ଅନ୍ଧ ବିଶ୍ୱାସକୁ ନେଇ ପ୍ରତିଦିନ କେଉଁଠି ନା କେଉଁଠି ଲୋମହର୍ଷଣ ଘଟଣାମାନ ଘଟୁଛି । ପଶୁବଳି ଠାରୁ ନରବଳି ଚାଲିଛି ବେଧଡ଼କ । ଆମେ ଦେଖୁଛୁ, ଜାଣୁଛୁ । କିନ୍ତୁ ସୁବିଧାବାଦର ଅନ୍ଧ ପୁଟୁଳି ବନ୍ଧା ହୋଇଛି ଆମ ଆଖିରେ । ଦୁର୍ଯ୍ୟୋଧନର ପାପ ଅନ୍ନରେ ପ୍ରତିପାଳିତ ମହାଜ୍ଞାନୀ ଭୀଷ୍ମ, ଦ୍ରୋଣ, କର୍ଣ୍ଣ ଯେମିତି ବିବେକଶୂନ୍ୟ ହୋଇ ଦୌପଦୀଙ୍କ ବସ୍ତ୍ରହରଣକୁ ବିରୋଧ କରିପାରିନଥିଲେ ସେମିତି କିଛି କିଛି ସ୍ୱାର୍ଥ, ଟିକିଏ ଲୋଭ, ମୋହ ଆମକୁ ମୂକ କରିଦେଇଛି । ଆମେ ନିଜ ପାଖରେ ଅଟକି ଯାଇଛୁ । ଯେତେବେଳେ ଲୋକମାନେ ଅତ୍ୟଧିକ ସ୍ୱାର୍ଥପର ହୋଇ ଉଠନ୍ତି ସେତେବେଳେ ପ୍ରତ୍ୟକ୍ଷ କ୍ଷତି ବ୍ୟତୀତ ପରୋକ୍ଷ କ୍ଷତି ଦେଖି ପାରନ୍ତି ନାହିଁ । ନିଜ ପାଖରେ ଥିବା ଧନ ସମ୍ପତ୍ତି କେବଳ ନିଜର, ମାତ୍ର ନିଜ ଟିକସରେ ସମୃଦ୍ଧ ହୋଇଥିବା ଦେଶର ସମ୍ପଦ ନିଜର ବୋଲି ଭାବି ପାରନ୍ତି ନାହିଁ । ଫଳରେ ଟିକସ ବୃଦ୍ଧି ହେଉ କିମ୍ବା ଟିକସରୁ ଆସୁଥିବା ଅର୍ଥର ବିନିର୍ବ୍ୟୟକୁ ଖୋଲାଖୋଲି ବିରୋଧ କରନ୍ତି ନାହିଁ । କିନ୍ତୁ ପ୍ରତିବାଦ ଓ ପ୍ରତିରୋଧ ନକଲେ ଅନୀତି ବଢ଼ି ବଢ଼ି ଚାଲିବ । ବହୁ ଆଶା ଆକାଂକ୍ଷା ନେଇ ଯେଉଁମାନଙ୍କୁ ଆମେ ନିର୍ବାଚିତ କରିଛନ୍ତି ସେମାନେ ଯାହା ପାରିବେ ତାହା ହିଁ କରିବେ । ଭୟ, ଭ୍ରାନ୍ତି, ଭକ୍ତି ନଥିବା ଏକ ସ୍ୱେଚ୍ଛାଚାରୀ ଶାସକ ପାଲଟି ଯିବେ । ମନେ ରଖିବା ଉଚିତ ଅନ୍ୟାୟ କରିବା ଯେତିକି ଅପରାଧ, ଅନ୍ୟାୟକୁ ଦେଖି ଚୁପ୍ ରହିବା ଏବଂ ଏହାକୁ ବିରୋଧ ନକରିବା ସମପରିମାଣ ଅପରାଧ । ଜାଣି ଅଜଣା ରହିବା ସମାଜ ପାଇଁ ସବୁଠାରୁ ମାରାତ୍ମକ । ଚେଇଁ ଶୋଇଥିବ ଯିଏ ତାକୁ ଉଠେଇବ କିଏ ?

ସଭାପତି, ଓଷ୍ଟା, ମୋ : ୯୯୩୮୭୬୩୨୩୭,
୭୦୦୮୦୭୩୫୯୯

# ବଳଭଦ୍ର ଜନ୍ମ

### ଜ୍ୟୋତ୍ସ୍ନା ମହାପାତ୍ର

ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଭଗବାନ ବଳରାମଙ୍କ ଜନ୍ମ ହୋଇଥିଲା ବୋଲି ପୁରାଣରେ ଉଲ୍ଲେଖ ରହିଛି। ସେ ଭଗବାନ ଶ୍ରୀକୃଷ୍ଣଙ୍କ ଜ୍ୟେଷ୍ଠ ଭ୍ରାତା ଥିଲେ। ଜଗନ୍ନାଥ ସଂସ୍କୃତିରେ ବଳରାମଙ୍କୁ ବଳଭଦ୍ର ନାମରେ ପୂଜା କରାଯାଇଥାଏ। ବାସୁଦେବଙ୍କ ଔରସରୁ ରୋହିଣୀଙ୍କ ଗର୍ଭରୁ ବଳରାମ ଜାତ ହୋଇଥିବାରୁ ପୁରାଣରୁ ଜଣାଯାଏ। ଓଡ଼ିଶାରେ ଗହ୍ମା ପୂର୍ଣ୍ଣିମା ଦିନ ବଳରାମଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଥାଏ। ବଳରାମଙ୍କ ବିବାହ ରେବତ ରାଜାଙ୍କ କନ୍ୟା ରେବତୀଙ୍କ ସହ ହୋଇଥିଲା। ତାଙ୍କର ଦୁଇ ପୁତ୍ର ଥିଲେ ନିଶଠ ଏବଂ ଉଲ୍ମୁକ। ବଳରାମ ଥିଲେ ଭଗବାନ ବିଷ୍ଣୁଙ୍କ ସେବକ ଶେଷନାଗଙ୍କ ଅବତାର। ସେ ହଳଧର, ହଳାୟୁଦ୍ଧ, ସଂକର୍ଷଣ ଆଦି ନାମରେ ମଧ୍ୟ ପ୍ରସିଦ୍ଧ। ବଳରାମଙ୍କ ପରାକ୍ରମ ସମ୍ବନ୍ଧରେ ପୁରାଣରେ ବର୍ଣ୍ଣନା ରହିଛି। ଗଦା ଯୁଦ୍ଧରେ ସେ ପ୍ରବୀଣ ଥିଲେ। ଦୁର୍ଯ୍ୟୋଧନ ତାଙ୍କ ଠାରୁ ଗଦା ଯୁଦ୍ଧ ଶିକ୍ଷା ଲାଭ କରିଥିଲେ। ବଳରାମ ଅନେକ ଥର ଜରାସନ୍ଧକୁ ଯୁଦ୍ଧରେ ହରାଇ ଦେଇଥିଲେ। ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ଦେବକୀ ଏବଂ ବସୁଦେବଙ୍କ ଅଷ୍ଟମ ଗର୍ଭରୁ ଜାତ ସନ୍ତାନ ହାତରେ ମଥୁରା ରାଜା କଂସ ମୃତ୍ୟୁବରଣ କରିବ ବୋଲି ଆକାଶବାଣୀ ହେଲା। ଏହି ଆକାଶବାଣୀ ଶୁଣିବା ପରେ କଂସ ନିଜ ଭଉଣୀ ଦେବକୀ ଏବଂ ଭିଣୋଇ ବସୁଦେବଙ୍କୁ ନେଇ କାରାଗୃହରେ ବନ୍ଦୀ କଲା। ସମୟରେ କ୍ରମେ ଦେବକୀଙ୍କର ଛଅଜଣ ସନ୍ତାନଙ୍କୁ କଂସ ତଳେ କଚାଡ଼ି ମାରିଦେଲା। ଷଷ୍ଠ ଗର୍ଭରେ ବଳରାମ ଜନ୍ମ ହେବାର ଥିଲା। ତେବେ ସେ ଜନ୍ମ ନେବା ପୂର୍ବରୁ ଶ୍ରୀହରି ବିଷ୍ଣୁ ଯୋଗମାୟାଙ୍କ ସହାୟତାରେ ଦେବକୀଙ୍କ ଗର୍ଭରୁ ବଳରାମଙ୍କୁ ନେଇ ରୋହିଣୀଙ୍କ ଗର୍ଭରେ ସ୍ଥାପନ କଲେ। ଦେବକୀଙ୍କ ଗର୍ଭରୁ ଆକର୍ଷଣ କରି ଆଣି ରୋହିଣୀଙ୍କ ଗର୍ଭରେ ସ୍ଥାପନ କରାଯାଇଥିବାରୁ ବଳରାମଙ୍କ ନାମ ଶଙ୍କର୍ଷଣ ହେଲା। ବଳରାମଙ୍କ ବିବାହ ରେବତୀଙ୍କ ସହିତ ହୋଇଥିଲା। ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ରେବତୀଙ୍କ ଉଚ୍ଚତା ଏକୋଇଶି ହାତ ଥିଲା। ବଳରାମ ନିଜ ହଳ ସାହାଯ୍ୟରେ ରେବତୀଙ୍କୁ ଟାଣି ଛୋଟ କରିଦେଇଥିଲେ। ଏହାପରେ ଦୁହିଁଙ୍କ ବିବାହ ହୋଇଥିଲା। ଓଡ଼ିଶାର ପୁରପଲ୍ଲୀରେ ବିଭିନ୍ନ ମଠ ମନ୍ଦିରରେ ବିଶେଷକରି କୃଷ୍ଣ-ବଳରାମ ମନ୍ଦିରରେ ଓ ପୁରୀ ଶ୍ରୀମନ୍ଦିରରେ ପ୍ରଭୁ ବଳଭଦ୍ରଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଓ ପୂଜାନୀତି ହୋଇଥାଏ। ଏହି ଦିନ ଅଗଣିତ ଆଶ୍ରିତମାନେ ସଂଧ୍ୟା ସମୟରେ ବଳଭଦ୍ରଙ୍କ ପବିତ୍ର ଦର୍ଶନ ପୂର୍ବକ ଆଶୀର୍ବାଦ ପ୍ରାପ୍ତ କରିଥାନ୍ତି।

ଚଣ୍ଡୀମନ୍ଦିର ମାର୍ଗ, କଟକ-୧, E-mail : abhisekmohapatra1999@gmail.com

## ଅଫେର ରାଇଜରେ ଗୀତନଈର ମାଝୀ

### ଅନୁପମା ଭୂଆଁ

ଶେଷ ହୋଇ ନଥିଲା ଶ୍ରାବଣ, ଥମି ବି ନଥିଲା ପୂବେଇ ପବନ। ସଙ୍ଗୀତ ନାମକ ସାଗରରେ ନିଜ ଡଙ୍ଗା ସଜିଲ କରି, ସରଗମ ଏହରେଇ ଲହରେଇ ଆମକୁ କିମିଆଁ କରିଥିବା ସେହି ମାଝୀ କିନ୍ତୁ ଫେରାର। ସେହି କାତ ଅଛି, ହେଲେ ମାଝୀ କେଉଁ ଅକାତ କାତ ଦରିଆକୁ ଆଦରି ନେଇଛନ୍ତି, ଯେଉଁଠାରୁ କେହି ଫେରନ୍ତିନି। ଏବେ କେବଳ ଅଶ୍ରୁଝରାର ବେଳ। ସେହି ମାଝୀ ପ୍ରଣବ କିଶୋର ପଟ୍ଟନାୟକ। ଏକଦା ନିଦୁଆ ଆଖି ଓ ଅଳସ କଣ୍ଠରେ ଗାଇଥିଲେ - 'ଭଗବାନ ତୁମେ ଭକତ ବାନ୍ଧବ'। ଓଡ଼ିଶା ସଙ୍ଗୀତର ପ୍ରବଣ ସ୍ୱର। ଯେଉଁ ସ୍ୱର ଦଶନ୍ଧି ଦଶନ୍ଧି ଧରି ଓଡ଼ିଆଙ୍କୁ ବାନ୍ଧି ରଖିଥିଲା କିମିଆଁରେ, ଯେଉଁ ସ୍ୱରରେ ଜୀବନ ଥିଲା, ଗଭୀର ଓ ଗମ୍ଭୀର ଆତ୍ମାର ସ୍ୱର ସହ ଯାହା ଅବିକଳ ମିଶି ଯାଉଥିଲା। ସେହି ସ୍ୱରୂ କେବଳ ସେହି ସ୍ୱର ହିଁ ଥିଲା, ଯାହାର ବିକଳ୍ପ ଅସମ୍ଭବ। ସେମିତି ପ୍ରଣମ କେବଳ ହିଁ ଥିଲେ। ନିଜର ଉଦାହରଣ ନିଜେ, ନିଜର ପ୍ରମାଣ ବି ନିଜେ। ଏ ମିତି ରାତି ସେ ଯେ ଅଭୁଲା ସ୍ମୃତି...., ମାଜିରେ ସେତ ଶ୍ରାବଣ କୁରୁବା ପବନ..., ରେ ଆତ୍ମନ ନିଦ୍ରା ପରିହରି.. ଏହି ଜୀବନଟା ଏକ ନାଟକ। ସବୁଦିନ ପାଇଁ ଏହି ଜୀବନ ନାଟକରେ ଯବନିକା ଟାଣି ଶ୍ରାବଣକୁ ସାଖୀ କରି ସେହି ଶେଷ ଶ୍ରାବଣକୁ ଚାଲିଗଲେ ଅଫେରା ନାଁରେ। ସୀମାହୀନ ଦରିଆ, ସାଥି ହୀନ ଦରିଆକୁ...., ଆଜି ମଳିନ ଇନ୍ଦ୍ରଧନୁର ସପ୍ତରଙ୍ଗ। କାନ୍ଦୁଛନ୍ତି ସାତ ସ୍ୱର। ପଡ଼ିଗଲା ଶେଷ ଅଙ୍କର ଯବନିକା। ଚାଲିଗଲେ ସ୍ୱରର ଯାଦୁଗର। ନୀରବି ଗଲା ଓଡ଼ିଆ ସଙ୍ଗତୀର ସୁମଧୁର ସ୍ୱର ଚିର ନିଦ୍ରାରେ କାଳଜୟୀ ଗୀତର ଗୁରୁ ଗମ୍ଭୀର କଣ୍ଠସ୍ୱର। ପରଲୋକରେର ପ୍ରବୀଣ ଓଡ଼ିଆ ପ୍ରଚ୍ଛଦପଟ ଗାୟତ ତଥା ସ୍ୱର କିମ୍ବଦନ୍ତୀର ସେ ସନ୍ତକ ପ୍ରଣବ କିଶୋର ପଟ୍ଟନାୟକ। ପିଲାବେଳୁ ବାପାଙ୍କ ଜୀବନ ଚମ୍ପୁ ଓ ଅନ୍ୟ ସଙ୍ଗୀତ ବହି ପଢ଼ିଥିବାବେଳେ ବଡ଼ ଭଉଣୀ ସୁକୃତି ପଟ୍ଟନାୟକ ଓ ଅନ୍ୟମାନେ ଗୀତ ଶିଖୁଥିଲେ। ଘରକୁ ଗୁରୁ ସଂଗୀତ ସୁଧାକର ବାଳକ୍ରିଷ୍ଣ ଦାସ, ସିଂହାରୀ ଶ୍ୟାମସୁନ୍ଦର କର ଓ ବିନୋଦ ବିହାରୀ ଶ୍ରୀଚନ୍ଦନ ପ୍ରମୁଖ ଘରକୁ ଆସୁଥିଲେ। ଶାସ୍ତ୍ରୀୟ ସଂଗୀତ କ୍ଷେତ୍ରକୁ ଦେଖିଲେ ପ୍ରଣବଙ୍କ ଗୀତ ଥିଲା ପ୍ରାଣବନ୍ତ। ସେ ତାଙ୍କ ସାତ ଦଶକର ସଂଗୀତ ଜୀବନରେ କେବଳ ସିନେମା ନୁହେଁ ରେକର୍ଡ଼ ଓ ରେଡ଼ିଓ ଜରିଆରେ ମଧ୍ୟ ବହୁ ମନଛୁଆଁ ଗୀତ ଶ୍ରୋତାଙ୍କୁ ଉପହାର ଦେଇଛନ୍ତି। ଶାସ୍ତ୍ରୀୟତାର ନୀତି ନିୟମକୁ ମୁକ୍ତ କରି ଓଡ଼ିଆ ସିନେମା ଗୀତକୁ ସାଧାରଣଙ୍କ ପାଖରେ ପହଞ୍ଚାଇବାରେ (କ୍ରମଶଃ)

# ସମ୍ପର୍କର ପର୍ବ ରାକ୍ଷୀ ପୂର୍ଣ୍ଣିମା

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ରାକ୍ଷୀ ପୂର୍ଣ୍ଣିମ ବା ଗହ୍ମା ପୂର୍ଣ୍ଣିମା ମୁଖ୍ୟତଃ ଏକ ହିନ୍ଦୁ ପର୍ବ ଯାହା ଭାରତରେ ଓ ଭାରତବାସୀଙ୍କ ଦ୍ୱାରା ପାଳନ କରାଯାଏ। ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ବନ୍ଧୁତ୍ୱକୁ ଦୃଢ଼ କରିଥାଏ। ଏହି ଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ, ବଦଳରେ ଭାଇ ତାର ଭଉଣୀକୁ ରକ୍ଷା କରିବାର ସଙ୍କଳ୍ପ ନେଇଥାଏ। ଏହି ପର୍ବ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ। ଏହି ଦିନ ଝୁଲଣ ଯାତ୍ରା ଶେଷ ହୋଇଥାଏ । ତେଣୁ ଏହାକୁ ଝୁଲଣ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଶ୍ରାବଣ ମାସ ଶେଷରେ ହଳଧର ବଳରାମଙ୍କ ଜନ୍ମୋତ୍ସବ ପାଳନ ଅବସରରେ ପୂର୍ଣ୍ଣିମା ଦିନ ସମସ୍ତେ ନିଜ ନିଜ ଗୃହରେ ବଳଭଦ୍ରଙ୍କ ପୂଜା କରନ୍ତି । ତାଙ୍କର ଆୟୁଧ ହଳ-ଲଙ୍ଗଳ ସହ ବଳଦଙ୍କୁ ପୂଜା କରାଯାଏ । ତେଣୁ ଏହି ପର୍ବକୁ କୁହାଯାଏ ବଳଦେବ ଜୟନ୍ତୀ । କେତେକ ଅଞ୍ଚଳରେ ଧନୀ-ଦରିଦ୍ର ନିର୍ବିଶେଷରେ ଗ୍ରାମବାସୀମାନେ ଏକାଠ ପୂଜା କରିବାର ବିଧି ଅଛି । ଗାଁର ଶେଷ ମୁଣ୍ଡରେ ଗହ୍ମାବେଦି ନିକଟରେ ବଳଦେବଙ୍କର ଆକୃତି ବିଶିଷ୍ଟ ମାଟିର ବିରାଟ ସ୍ତୂପ ତିଆରି କରି ସେଠାରେ ବଳଦେବ ପୂଜା ଓ ଭୋଗ ଅର୍ପଣ କରାଯାଏ । ଆଉ କେତେକ ଗାଁରେ ଗୋଟିଏ ବଡ଼ ବଳଦ ଆକାରର ମାଟି ସ୍ତୂପ କରି ଭୋଗ ସାରିବା ପରେ ଏକ ଅଣ୍ଡିରା ବାଛୁରୀକୁ ସ୍ତୂପ ଉପରେ ଡିଆଁଇ ଦିଅନ୍ତି । ଏହାକୁ କହନ୍ତି ଗହ୍ମା ଡିଆଁ । ଏହି ଦିନ ଗୋ-ପୂଜା ମଧ୍ୟ କରାଯାଏ । ପ୍ରାଚୀନ ବୈଦିକ ସାହିତ୍ୟରେ ଶ୍ରାବଣ ପୂର୍ଣ୍ଣିମା ତିଥି 'ଉପକର୍ମ' ବା ବେଦାଭ୍ୟାସ ପାଇଁ ଉଦ୍ଦିଷ୍ଟ । ତେବେ ଏହାର ସ୍ମାରକୀ ସ୍ୱରୂପ ସାରା ଭାରତବର୍ଷରେ 'ସଂସ୍କୃତ ଦିବସ' ପାଳନ କରାଯାଉଛି ।ପୁରାଣ ଓ ଇତିହାସରେ ରହିଛି ରକ୍ଷାବନ୍ଧନର ଅନେକ ଘଟଣା। ପୁରାଣରେ ଅସୁର ରାଜା ବଳି ଠାରୁ ମୋଗଲ ସମ୍ରାଟ ହୁମାୟୁନଙ୍କ ଯାଏଁ ରକ୍ଷାବନ୍ଧନ ଭଉଣୀର ସମ୍ମାନ ରକ୍ଷା କରିଆସିଛି। ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟିଯାଇଥିଲା। ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀ ଚିରି ସେଥିରେ ଗୁଡ଼ାଇ ଦେଇଥିଲେ, ଫଳରେ ରକ୍ତ ବନ୍ଦ ହୋଇଯାଇଥିଲା। ଦ୍ରୌପଦୀଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କ ଭଉଣୀର ସ୍ନେହ ପାଇଥିଲେ। ଯେତେବେଳେ କୁରୁସଭାରେ ଦ୍ରୌପଦୀଙ୍କୁ କୌରବମାନେ ବିବସନା କରିବାକୁ ଉଦ୍ୟତ ହେଲେ ସେତେବେଳେ ଶ୍ରୀକୃଷ୍ଣ ବସ୍ତ୍ର ଦାନ କରି ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ। ଇତିହାସରେ ମଧ୍ୟ ରହିଛି ରକ୍ଷାବନ୍ଧନ। ଯଦିଓ ଏହାପଛରେ ରହିଛି ରାଜନୈତିକ ଅଭିସନ୍ଧି, ତେବେ ବି ରାକ୍ଷୀ ବାନ୍ଧିଥିବା ଭଉଣୀର ସମ୍ମାନ ରକ୍ଷା ପାଇଁ ଭାଇ ପଛଘୁଞ୍ଚା ଦେଇନାହିଁ। ପ୍ରଥମ ଘଟଣାଟି ହେଲା ଖ୍ରୀଷ୍ଟପୂର୍ବ ୩୦୦ ବର୍ଷ ତଳର। ମାସିଡ଼ୋନିଆର ସମ୍ରାଟ ଆଲେକଜାଣ୍ଡର ଭାରତ ଉପରେ ବିଜୟ ଲାଭ ପାଇଁ ଅଗ୍ରସର ହେଉଥିବାବେଳେ ରାଜା ପୁରୁଙ୍କ ସମ୍ମୁଖୀନ ହୋଇଥିଲେ। ପ୍ରଥମ ଥର ପୁରୁଙ୍କ ଠାରୁ ଆଲେକଜାଣ୍ଡର ପରାସ୍ତ ହେଲେ, ସେତେବେଳେ ଆଲେକଜାଣ୍ଡରଙ୍କ ପତ୍ନୀ ପୁରୁଙ୍କ ନିକଟରୁ ଏକ ରାକ୍ଷୀ ପ୍ରେରଣ କରିଥିଲେ। ପୁରୁ ତାଙ୍କୁ ନିଜର ଭଉଣୀ ଭାବେ ଗ୍ରହଣ କରିଥିଲେ। ଅନ୍ୟ ଘଟଣାଟି ହେଲା ରାଣୀ କର୍ଣ୍ଣାବତୀ ଓ ସମ୍ରାଟ ହୁମାୟୁନଙ୍କୁ ନେଇ। ମଧ୍ୟ ଯୁଗର ରାଜପୁତ ଯୋଦ୍ଧାମାନେ ପରାକ୍ରମୀ ଥିଲେ। ସେମାନେ କୌଣସି ଆକ୍ରମଣକାରୀ ସହ ପ୍ରାଣ ଦେଇ ଲଢୁଥିଲେ। ଏମିତି ଏକ ଯୁଦ୍ଧରେ ଚିତୋରର ରାଣୀ କର୍ଣ୍ଣାବତୀ ସ୍ୱାମୀଙ୍କୁ ହରାଇବାପରେ ଯେତେବେଳେ ଅନୁଭବ କଲେ ଯେ ସୁଲତାନ ବାହାଦୂରଶାହାଙ୍କୁ ପ୍ରତିହତ କରାଯାଇପାରିବ ନାହିଁ। ସେତେବେଳେ ସେ ଉପାୟଟିଏ ଚିନ୍ତାକଲେ। ମୋଗଲ ସମ୍ରାଟ ହୁମାୟୁନଙ୍କ ନିକଟକୁ ଏକ ରାକ୍ଷୀ ପଠେଇ ଦେଲେ। ହୁମାୟୁନ ମଧ୍ୟ ଏହାକୁ ଭଉଣୀର ସ୍ନେହ ମନେ କରି ଚିତୋରର ସୁରକ୍ଷା ପାଇଁ ତୁରନ୍ତ ତାଙ୍କର ସୈନ୍ୟବାହିନୀ ପଠେଇ ଦେଇଥିଲେ।

ଏହି ଦିନ ମହାଆଡ଼ମ୍ବରରେ ପାଳିତ ହୁଏ ରକ୍ଷା ବନ୍ଧନ ଉତ୍ସବ । ଭାଇ ହାତରେ ରାଖି ବାନ୍ଧେ ଭଉଣୀ । ଓଡ଼ିଶାରେ କେତେକ ଅଞ୍ଚଳରେ ବ୍ରାହ୍ମଣମାନେ ଯଜମାନଙ୍କୁ ରାକ୍ଷୀ ସହ ପଇତା ପିନ୍ଧାନ୍ତି । ବିପଦରୁ ରକ୍ଷା ପାଇଁ ଅଭିମନ୍ତ୍ରିତ ରାଖି ବାଳକ ଶ୍ରୀକୃଷ୍ଣଙ୍କ ହାତରେ ବାନ୍ଧିଥିଲେ ଗୋପୀମାନେ । ପୁଣି ଇନ୍ଦ୍ରଙ୍କ ହାତରେ ବାନ୍ଧିଥିଲେ ତାଙ୍କ ପତ୍ନୀ । ପ୍ରଭୁ ବଳରାମଙ୍କର ମାୟାବୀ ଅସୁର ସହ ଯୁଦ୍ଧ ବେଳେ ସମସ୍ତେ କାନ୍ଧରେ ପଇତା ପକାଇ ନିଜର ଜୀବନ ରକ୍ଷା କରିଥିବାରୁ ଏହି ଦିନ ବ୍ରାହ୍ମଣମାନେ ଅନ୍ୟ ସମସ୍ତଙ୍କୁ ପଇତା ସହ ରାଖି ପିନ୍ଧାଇବାର ପ୍ରଥା ଚଳିଆସୁଛି । ଶ୍ରାବଣ ପୂର୍ଣ୍ଣିମା ଦିନ ଭଉଣୀ ତାର ଭାଇ ହାତରେ ରାକ୍ଷୀ ବନ୍ଧିବାର ଯେଉଁ ପରମ୍ପରା ବହୁ ପ୍ରାଚୀନ କାଳରୁ ଗଡ଼ି ଆସୁଛି, ତାହା ସର୍ବସୁଖ ଓ ମଙ୍ଗଳ କାମନାର ଏକ ଦୃଢ଼ ସନ୍ତକ । ପ୍ରକୃତରେ ରକ୍ଷାବନ୍ଧନ ହେଉଛି ଭାଇ ଓ ଭଉଣୀର ପବିତ୍ର ସ୍ନେହ, ଶ୍ରଦ୍ଧା ଓ ପ୍ରେମର ନିଦର୍ଶନ ସ୍ୱରୂପ । ଏଇ ଗହ୍ମାପୂର୍ଣ୍ଣିମା ଦିନ ଭାଇ ହାତରେ ଭଉଣୀ ପବିତ୍ର ରାକ୍ଷୀ ବାନ୍ଧି ଭାଇର ଶୁଭମନାସି (କ୍ରମଶଃ)



## ଭାରତରେ ଆହୁରି ପ୍ରଡକ୍ସନ ହେବ ସାଂଘାତିକ ମିସାଇଲ୍ ଓ ଯୁଦ୍ଧାସ୍ତ୍ର
# ଘରୋଇ କମ୍ପାନୀଙ୍କୁ କ୍ଷେପଣାସ୍ତ୍ର ଟେକ୍ନୋଲୋଜି ହସ୍ତାନ୍ତର ପାଇଁ ଅନୁମତି

**ନୂଆଦିଲ୍ଲୀ,୨୫।୮(ଏଜେନ୍ସି):**ପ୍ରତିରକ୍ଷା କ୍ଷେତ୍ରରେ ଆଗକୁ ଏକ ବଡ ପରିବର୍ତ୍ତନ ହେବାକୁ ଯାଉଛି। ଘରୋଇ କମ୍ପାନୀମାନେ ଏଥିରେ ଏଣ୍ଟ୍ରି କରିବା ମାତ୍ରେ ଭାରତରେ ପ୍ରତିରକ୍ଷା କ୍ଷେତ୍ର ଖୁବ୍ ଶକ୍ତିଶାଳୀ ହୋଇଯିବ। ଯାହାର ଶୁଭାରମ୍ଭ ହୋଇଯାଇଛି।ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ (DRDO) ଦ୍ୱାରା ବିକଶିତ ସମସ୍ତ ପାରମ୍ପରିକ କ୍ଷେପଣାସ୍ତ୍ର ପ୍ରଣାଳୀର ଟେକ୍ନୋଲୋଜୀ ଭାରତୀୟ ପ୍ରତିରକ୍ଷା କମ୍ପାନୀଗୁଡ଼ିକୁ ହସ୍ତାନ୍ତର କରିବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି।ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି ପଦକ୍ଷେପ ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ଭାରତୀୟ ଶିଳ୍ପର ଭୂମିକାକୁ ବଢ଼ାଇବା ସହ ଉନ୍ନତ କ୍ଷେପଣାସ୍ତ୍ର ପ୍ରଣାଳୀର ସ୍ୱଦେଶୀ ଉତ୍ପାଦନକୁ ବଳ ଦେବ। ଏହା ଦ୍ୱାରା କ୍ଷେପଣାସ୍ତ୍ର ବିକାଶ ଓ ବୃହତ୍ ପରିମାଣରେ ଶିଳ୍ପ ଉତ୍ପାଦନ ମଧ୍ୟରେ ଥିବା ବ୍ୟବଧାନ ଦୂର ହେବ। ଟେକ୍ନୋଲୋଜୀ ହସ୍ତାନ୍ତର ପରେ ଭାରତୀୟ ପ୍ରତିରକ୍ଷା କମ୍ପାନୀଗୁଡ଼ିକ ଆବଶ୍ୟକ ଯୋଗ୍ୟତା, ପ୍ରମାଣପତ୍ର ଏବଂ ନିୟାମକ ମାନଦଣ୍ଡ ପୂରଣ କରି କ୍ଷେପଣାସ୍ତ୍ର ପ୍ରଣାଳୀର ଉତ୍ପାଦନ କରିପାରିବେ।ଏନେଇ ମନ୍ତ୍ରଣାଳୟ କହିଛି "ଏହି ବ୍ୟବସ୍ଥା କ୍ଷେପଣାସ୍ତ୍ର ପ୍ରଣାଳୀର ବିକାଶକୁ ସଫଳତାର ସହ ଶିଳ୍ପ ଉତ୍ପାଦନ ପର୍ଯ୍ୟାୟକୁ ନେବାରେ ସହାୟକ ହେବ। ଉନ୍ନତ ପ୍ରତିରକ୍ଷା ପ୍ରଣାଳୀର ବିକାଶ ଓ ଉତ୍ପାଦନ ପାଇଁ ଭାରତୀୟ ଶିଳ୍ପର କ୍ଷମତାକୁ ଉପଯୋଗ କରିବା ଦିଗରେ ଡିଆରଡିଓର ନିରନ୍ତର ପ୍ରୟାସକୁ ଏହା ପ୍ରତିଫଳିତ କରୁଛି।"ମନ୍ତ୍ରଣାଳୟ କହିଛି, ଏହି ପଦକ୍ଷେପ ଦ୍ୱାରା ଦେଶର ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦନ କ୍ଷମତା ମଜବୁତ ହେବା ସହ ପ୍ରତିରକ୍ଷା ଶିଳ୍ପ ଭିତ୍ତିଭୂମି ଆହୁରି ବ୍ୟାପକ ହେବ। ଡିଆରଡିଓର ବିକଶିତ କ୍ଷେପଣାସ୍ତ୍ର ପ୍ରଣାଳୀକୁ ଶିଳ୍ପ ଉତ୍ପାଦନ ପର୍ଯ୍ୟାୟକୁ ସଫଳତାର ସହ ନେବାରେ ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।ଏହାସହ ଭାରତୀୟ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ (MSME) ଏବଂ ଅନ୍ୟାନ୍ୟ ଟେକ୍ନୋଲୋଜୀ ସହଯୋଗୀ ସଂସ୍ଥାଗୁଡ଼ିକ ପାଇଁ କ୍ଷେପଣାସ୍ତ୍ର ଯୋଗାଣ ଶୃଙ୍ଖଳରେ ଅଧିକ ଭାଗୀଦାର ହେବାର ସୁଯୋଗ ସୃଷ୍ଟି ହେବ।



## ରଷିଆକୁ ଧ୍ୱଂସ କରିବ ବ୍ରିଟେନ୍ !
# ୟୁକ୍ରେନକୁ ଦେବ ନିଜର ସବୁଠୁ ସିକ୍ରେଟ୍ ମିସାଇଲ

**ନୂଆଦିଲ୍ଲୀ,୨୫।୮(ଏଜେନ୍ସି):**ଯୁଦ୍ଧରେ ସହାୟତା କରିବା ଲାଗି ବ୍ରିଟେନ୍ ୟୁକ୍ରେନକୁ ନିଜର ଗୋପନ ମିସାଇଲ୍ ଟେକ୍ନୋଲୋଜି ପ୍ରଦାନ କରିବ। ଫଳରେ କିଭରେ ହିଁ ଦୀର୍ଘ ଦୂରଗାମୀ ସ୍କାଲ୍ପ କ୍ରୁଜ ମିସାଇଲ ନିର୍ମାଣର ପଥ ସୁଗମ ହେବ। ବ୍ରିଟେନ ପ୍ରଧାନମନ୍ତ୍ରୀ ଆଣ୍ଡି ବର୍ନହାମ୍ ସୋମବାର ନିଜ ପ୍ରଥମ ବିଦେଶ ଯାତ୍ରାରେ ୟୁକ୍ରେନ୍ ପହଞ୍ଚିଥିଲେ। ଏହି ଅବସରରେ ମିସାଇଲ୍ ଟେକ୍ନୋଲୋଜି ସେୟାର କରିବା ସଂପର୍କରେ ଘୋଷଣା କରାଯାଇଛି। ସେ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ଇତିମଧ୍ୟରେ ଫ୍ରାନ୍ସ ଏବଂ ୟୁକ୍ରେନ୍ ମିଶି ଚଳିତବର୍ଷ ଶେଷ ସୁଦ୍ଧା ୟୁକ୍ରେନରେ ସ୍କାଲ୍ପ ମିସାଇଲର ଏକ ଉତ୍ପାଦନ ଲାଇନ୍ ଆରମ୍ଭ କରିବାକୁ ଯୋଜନା କରୁଛନ୍ତି। ଏହାଦ୍ୱାରା ୟୁକ୍ରେନକୁ ମିସାଇଲର ଟେକ୍ନୋଲୋଜି ବୁଝିବା ଏବଂ ତାକୁ ସ୍ୱଦେଶରେ ନିର୍ମାଣ କରିବାରେ ସହାୟତା ମିଳିବ ।ସେପଟେ ବ୍ରିଟେନର ଏହି ନିଷ୍ପତ୍ତି ନେଇ ରୁଷ୍ କଡ଼ା ଅସନ୍ତୋଷ ପ୍ରକାଶ କରିଛି। ବ୍ରିଟେନରେ ଥିବା ରୁଷ୍ ଦୂତାବାସ ପକ୍ଷରୁ କୁହାଯାଇଛି ଯେ, ବ୍ରିଟେନ୍ ଜାଣିଶୁଣି ୟୁକ୍ରେନ୍ ଯୁଦ୍ଧକୁ ଆହୁରି ବଢ଼ାଉଛି। ଯୁଦ୍ଧରେ ବ୍ରିଟେନର ଭାଗିଦାରୀ ଯେତେ ଅଧିକ ବଢ଼ିବ ତାକୁ ସେତେ ଅଧିକ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ। ଏଥିନେଇ ଆଣ୍ଡି ବର୍ନହାମ୍ କହିଛନ୍ତି ଯେ, ୟୁକ୍ରେନର ସୁରକ୍ଷା ବ୍ରିଟେନର ସୁରକ୍ଷା ସହ ଜଡ଼ିତ । ତେଣୁ ତାଙ୍କ ଦେଶ ୟୁକ୍ରେନ୍ ସହ ଦୀର୍ଘ ସମୟ ଯାଏ ଛିଡ଼ା ହେବ।ସ୍କାଲ୍ପ ମିସାଇଲକୁ 'ଷ୍ଟର୍ମ ଶ୍ୟାଡୋ' ବୋଲି କୁହାଯାଇଥାଏ। ବ୍ରିଟେନ୍ ଏବଂ ଫ୍ରାନ୍ସ ମିଶି ଏହାକୁ ବିକଶିତ କରିଛନ୍ତି। ଏହା ବିମାନରୁ ମାଡ଼ କରାଯାଉଥିବା ଦୀର୍ଘ ଦୂରଗାମୀ କ୍ରୁଜ ମିସାଇଲ୍। ଏହାର ମାରକ କ୍ଷମତା ପ୍ରାୟ ୫୫୦ କିମି। ଏଥିରେ ପ୍ରାୟ ୪୦୦ କିଲୋ ଭାରୀ ବିସ୍ଫୋରକ ଲଗାଇ ହେବ। ମିସାଇଲର ଓଜନ ପ୍ରାୟ ୧୩୦୦ କିଲୋ ହୋଇଥିବାବେଳେ ଲମ୍ବା ପ୍ରାୟ ୫.୧୦ ମିଟର। ପୂର୍ବ ନିର୍ଦ୍ଧାରିତ ଠିକଣା ଉପରେ ଆକ୍ରମଣ ଲାଗି ଏହାକୁ ବନାଯାଇଛି। ସବୁ ପ୍ରକାର ପାଗରେ ଉଭୟ ଦିନ ଏବଂ ରାତିରେ ଏହା ଆକ୍ରମଣ କରିବାରେ ସକ୍ଷମ। ତେବେ ବ୍ରିଟେନଠାରୁ ଗୋପନ ଟେକ୍ନୋଲୋଜି ପାଇବା ସତ୍ତ୍ୱେ ୟୁକ୍ରେନରେ ତୁରନ୍ତ ଏହି ମିସାଇଲର ବ୍ୟାପକ ଉତ୍ପାଦନ ହୋଇପାରିବ ନାହିଁ । ଏଥିଲାଗି ୟୁକ୍ରେନକୁ ବହୁ ବର୍ଷ ଲାଗିଯିବ।

## ଆମାଜନ୍, ସ୍ୱିଗି ଇଂଷ୍ଟାମାର୍ଟ୍ ଓ ବିଗବାସ୍କେଟର ଫୁଡ୍ ଲାଇସେନ୍ସ ସସପେଣ୍ଡ କଲେ କର୍ଣ୍ଣାଟକ ସରକାର

**ନୂଆଦିଲ୍ଲୀ,୨୫।୮(ଏଜେନ୍ସି):** ଖାଦ୍ୟ କିମ୍ବା ମାନବ ବ୍ୟବହାର ପାଇଁ ଅତ୍ୟନ୍ତ ବିଷାକ୍ତ 'ଦୁର୍‌ଦୁରା' ଫଳ ଓ ମଞ୍ଜି ଅନଲାଇନରେ ବିକ୍ରି ହେଉଥିବା ଜଣାପଡ଼ିବା ପରେ କର୍ଣ୍ଣାଟକ ସରକାର ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମ ଆମାଜନ୍, ସ୍ୱିଗି ଇଂଷ୍ଟାମାର୍ଟ୍ ଓ ବିଗବାସ୍କେଟର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି 'ଫୁଡ୍ ସେଫ୍ଟି ଏଣ୍ଡ ଷ୍ଟାଣ୍ଡାର୍ଡସ ଆକ୍ଟ, ୨୦୦୬' ଅଧୀନରେ ଏହି ତିନୋଟି ପ୍ଲାଟଫର୍ମର ଫୁଡ୍ ଲାଇସେନ୍ସକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ନିଲମ୍ବିତ କରିବା ସହ ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକରେ 'ଏଫଏସଏସଏଆଇ' ଲାଇସେନ୍ସ କିମ୍ବା ପଞ୍ଜୀକରଣ ଆଢ଼ୁଆଳରେ ଦୁର୍‌ଦୁରା ଫଳ ଓ ମଞ୍ଜି ବିକ୍ରି ପାଇଁ ତାଲିକାଭୁକ୍ତ ହୋଇଥିବା ନଜରକୁ ଆସିବା ପରେ ଏହି ଆକ୍ସନ ନିଆଯାଇଛି। ଇଂରାଜୀରେ 'ଥୋର୍ନ ଆପଲ୍' ଏବଂ ତାମିଲରେ 'ଉମଥାଇ' କୁହାଯାଉଥିବା ଏହି ଗଛରେ ଅତ୍ୟନ୍ତ ବିଷାକ୍ତ ଗୁଣ ରହିଛି। ଏହାର ଫଳ କିମ୍ବା ମଞ୍ଜି ସେବନ କରିବା ଦ୍ୱାରା ମାନବ ଶରୀର ଓ ସ୍ୱାସ୍ଥ୍ୟ ଉପରେ ଗୁରୁତର ମାରାତ୍ମକ କୁପ୍ରଭାବ ପଡ଼ିପାରେ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।ଏହି ଆଦେଶ ଅନୁସାରେ, ସମ୍ପୃକ୍ତ ଫୁଡ୍ ବିଜନେସ୍ ଅପରେଟରମାନଙ୍କୁ ସେମାନଙ୍କ ଆପ୍ କିମ୍ବା ୱେବସାଇଟରୁ ଦୁର୍‌ଦୁରା ସମ୍ପର୍କିତ ସମସ୍ତ ଲିଷ୍ଟିଂ, ବିଜ୍ଞାପନ ଓ ପ୍ରଚାର ସାମଗ୍ରୀ ତୁରନ୍ତ ହଟାଇବାକୁ କୁହାଯାଇଛି। ଏଥିସହିତ ଏହି ତିନୋଟି ବଡ଼ ପ୍ଲାଟଫର୍ମକୁ ଏହି ସାମଗ୍ରୀ ଯୋଗାଉଥିବା ବିକ୍ରେତା ଏବଂ ସଂସ୍ଥାଗୁଡ଼ିକର ଲାଇସେନ୍ସ ଓ ପଞ୍ଜୀକରଣକୁ ମଧ୍ୟ ତୁରନ୍ତ ସସପେଣ୍ଡ କରିବାକୁ ରାଜ୍ୟ ଓ କେନ୍ଦ୍ରୀୟ ଫୁଡ୍ ସେଫ୍ଟି ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନୁଷ୍ଠାନଗୁଡ଼ିକ ନିୟମାନୁସାରେ କମ୍ପ୍ଲାଏନ୍ସ ରିପୋର୍ଟ ଦାଖଲ କରିବା ଏବଂ ସେମାନଙ୍କ ପକ୍ଷ ରଖିବାର ସୁଯୋଗ ପାଇବା ପରେ ହିଁ ସସପେନ୍ସନ୍ ହଟାଇବା ନେଇ ପରବର୍ତ୍ତୀ ବିଚାର କରାଯିବ।

## ଜାତିସଂଘ ମୁଖ୍ୟଙ୍କ ତାଗିଦ୍
# ଚୀନ୍ ଏବଂ ଆମେରିକା ମନମୁଖୀ କାର୍ଯ୍ୟ କରିପାରିବେ ନାହିଁ, ଭାରତର ପ୍ରାଧାନ୍ୟ ବଢ଼ୁଛି

**ନୂଆଦିଲ୍ଲୀ,୨୫।୮(ଏଜେନ୍ସି):** ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଏକ ସାକ୍ଷାତକାରରେ କହିଛନ୍ତି ଯେ, ଆମେରିକାର ବିଶ୍ୱ ସ୍ଥିତି ଦୁର୍ବଳ ହେଉଛି। ଅପରପକ୍ଷରେ ଭାରତ ଦ୍ରୁତ ଗତିରେ ନିଜର ପ୍ରାଧାନ୍ୟ ବିସ୍ତାର କରୁଛି। ଗୁଟେରେସ୍ ଭାରତକୁ ବିଶ୍ୱର ଏକ ମଧ୍ୟମ ଶକ୍ତି ବୋଲି କହିଛନ୍ତି। ଆମେରିକା ଯୋଗୁଁ ଜାତିସଂଘର କାର୍ଯ୍ୟ ସୁରୁଖୁରୁରେ ଚାଲିପାରୁନାହିଁ। ବଜେଟ୍ ବାରମ୍ବାର ହ୍ରାସ କରାଯାଉଛି। ଫଳରେ ଯେଉଁ ମିଶନ ପାଇଁ ଜାତିସଂଘ ପ୍ରତିଷ୍ଠିତ ହୋଇଥିଲା ତାହା ପୂରଣ କରିବା ଅସମ୍ଭବ ହୋଇପଡୁଛି। ବିଶ୍ୱ ଶାନ୍ତି ପାଇଁ ଜାତିସଂଘ ସୁରକ୍ଷା ପରିଷଦ, ବିଶ୍ୱ ବ୍ୟାଙ୍କ ଏବଂ ଆଇଏମଏଫରେ ପରିବର୍ତ୍ତନ ଆବଶ୍ୟକ। ତେବେ ହିଁ ସମସ୍ତ କାର୍ଯ୍ୟ ସ୍ୱାଭାବିକ ହୋଇପାରିବ। ସେଥିପାଇଁ ନୂଆ ଦେଶଙ୍କୁ ଆଗକୁ ଆସିବାକୁ ପଡିବ। ଗୁଟେରେସ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ତାଗିଦ୍ କରି କହିଛନ୍ତି ଯେ, ଶାନ୍ତି ବୋର୍ଡ ଜାତିସଂଘର ବିକଳ୍ପ ହୋଇପାରିବ ନାହିଁ। ଆମେରିକା, ବ୍ରିଟେନ, ଫ୍ରାନ୍ସ, ରୁଷ ଏବଂ ଚୀନ୍ ଭଳି ବିଶ୍ୱର ଶକ୍ତିଶାଳୀ ଦେଶମାନେ ସେମାନଙ୍କର ମନମୁଖୀ କାର୍ଯ୍ୟ ଅନ୍ୟ ଦେଶଙ୍କ ଉପରେ ଲାଗୁ କରିପାରିବେ ନାହିଁ। ବିଶ୍ୱର ଅନେକ ଦେଶ ଦ୍ରୁତ ଗତିରେ ବିକାଶ କରୁଛନ୍ତି। ସେମାନଙ୍କୁ ବିଚାର କରାଯାଉନାହିଁ, ଯାହା ପରିସ୍ଥିତିକୁ ଆହୁରି ଖରାପ କରୁଛି। ଜାତିସଂଘ ସୁରକ୍ଷା ପରିଷଦ ଅଚଳ ହୋଇପଡ଼ିଛି। ଆମେରିକା ଏବଂ ରୁଷର ଭିଟୋ ଅନେକ ପ୍ରସଙ୍ଗରେ ନିଷ୍ପତ୍ତି ନେବାରେ ବାଧା ସୃଷ୍ଟି କରୁଛି।ଜାତିସଂଘ ନିଜେ ଏବେ ସଙ୍କଟରେ ଅଛି। ଆମେ ବିଶ୍ୱକୁ ଯୁଦ୍ଧରୁ କିପରି ରୋକିପାରିବା ଆମ ପାଖରେ କାମ କରିବା ପାଇଁ ଲୋକ ନାହାନ୍ତି। ବିଶ୍ୱରେ ଯେଉଁ ପରିସ୍ଥିତି ସୃଷ୍ଟି ହେଉଛି, ତାହା ପ୍ରଥମ ବିଶ୍ୱଯୁଦ୍ଧ ପୂର୍ବରୁ ୟୁରୋପରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଥିଲା ସେହି ପରିସ୍ଥିତି ସହିତ ସମାନ ରହିଛି।ଜାତିସଂଘର କୌଣସି ବିକଳ୍ପ ନାହିଁ। ଶକ୍ତିର ଅଭାବ ସତ୍ତ୍ୱେ, ଜାତିସଂଘର ସାରା ବିଶ୍ୱରେ ପ୍ରଭାବ ରହିଛି। ଯଦି ଏହାକୁ ସୁଦୃଢ଼ କରାଯାଏ, ତେବେ ଏହି ସଂଗଠନ ପ୍ରଭାବଶାଳୀ ପ୍ରମାଣିତ ହୋଇପାରିବ। ଜାତିସଂଘ ୧୯୪୫ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଏହାର ଲକ୍ଷ୍ୟ ଥିଲା ଯୁଦ୍ଧ ରୋକିବା ଏବଂ ବିଶ୍ୱରେ ଶାନ୍ତି ଫେରାଇ ଆଣିବା। କିନ୍ତୁ ଜାତିସଂଘ ଏହି ଉଦ୍ଦେଶ୍ୟ ହାସଲ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ବିଭିନ୍ନ ଦେଶ ଅଭିଯୋଗ କରୁଛନ୍ତି।



## ତରୁଣ ତେଜପାଲଙ୍କୁ ୨ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୫।୮(ଏଜେନ୍ସି):**୨୦୧୩ ଯୌନ ନିର୍ଯାତନା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ପାଇଥିବା ତେହେଲକାର ପୂର୍ବତ୍ତନ ସମ୍ପାଦକ ତରୁଣ ତେଜପାଲଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟ ବଡ଼ ଝଟ୍କା ଦେଇଛନ୍ତି। ଅପିଲର ଶୁଣାଣି ପୂର୍ବରୁ ଜେଲରେ ଆତ୍ମସମର୍ପଣ ନ କରିବା ପାଇଁ ସେ କରିଥିବା ଆବେଦନକୁ କୋର୍ଟ ଖାରଜ କରିଦେବା ସହ ଦୁଇ ସପ୍ତାହ ମଧ୍ୟରେ ସରେଣ୍ଡର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।ଜଷ୍ଟିସ୍ ଆଲୋକ ଅରାଧେଙ୍କ ଖଣ୍ଡପୀଠ ତେଜପାଲଙ୍କ ଆବେଦନକୁ ଅଗ୍ରାହ୍ୟ କରି ଆତ୍ମସମର୍ପଣ ପ୍ରମାଣପତ୍ର ଦାଖଲ କରିବାକୁ କହିଛନ୍ତି। ସେପ୍ଟେମ୍ବର ୨୨ କିମ୍ବା ତା' ପୂର୍ବରୁ ଏହି ସାର୍ଟିଫିକେଟ୍ ଦାଖଲ ହେଲେ, ସେହି ଦିନ ତାଙ୍କ ଅପିଲର ଶୁଣାଣି ତାଲିକାଭୁକ୍ତ କରାଯିବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ତେଜପାଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଳ ସିବଲ ଓ ଅମନ ଲେଖୀ କୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ, ଅପିଲ୍ ଶୁଣାଣି ପୂର୍ବରୁ ଆସାମୀ ଆତ୍ମସମର୍ପଣ କରିବା କୌଣସି ଆଇନଗତ ବାଧ୍ୟତାମୂଳକ ନୁହେଁ।ବମ୍ବେ ହାଇକୋର୍ଟଙ୍କ ଅଗଷ୍ଟ ୬ ତାରିଖର ରାୟକୁ ଆଧାର କରି ସିବଲ କହିଥିଲେ ଯେ, ଏହି ମାମଲାଟି ୧୩ ବର୍ଷ ତଳର ଏବଂ ତେଜପାଲ ଏବେ ଜଣେ ବରିଷ୍ଠ ନାଗରିକ, ତେଣୁ ଅପିଲ୍ ଶୁଣାଣି ପୂର୍ବରୁ ମାତ୍ର କିଛି ଦିନ ପାଇଁ ତାଙ୍କୁ ଜେଲ୍ ପଠାଇବାର କୌଣସି ଯୌକ୍ତିକତା ନାହିଁ। ତେବେ ସୁପ୍ରିମକୋର୍ଟ ଏହି ଯୁକ୍ତିକୁ ଗ୍ରହଣ ନକରି ସ୍ପଷ୍ଟ କରିଛନ୍ତି ଯେ ଅପରାଧର ଗାମ୍ଭୀର୍ଯ୍ୟ ଏବଂ ଦଣ୍ଡାଦେଶର ମାତ୍ରାକୁ ନଦେଖି ଆତ୍ମସମର୍ପଣରୁ ଛାଡ଼ ଆବେଦନ ଉପରେ ନିଷ୍ପତ୍ତି ନିଆଯାଇପାରିବ ନାହିଁ। ସୂଚନାଯୋଗ୍ୟ, ନିମ୍ନ ଅଦାଲତଙ୍କ ନିର୍ଦ୍ଦୋଷ ଖଲାସ ରାୟକୁ ପରବର୍ତ୍ତୀ ସମୟରେ ହାଇକୋର୍ଟ ବଦଳାଇ ତେଜପାଲଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ।



## ଛଅ ମାସର ଯୁଦ୍ଧରେ ହର୍ମୁଜ୍‌ରେ ୬୮ ଆକ୍ରମଣ; ୨୦ଜଣଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୨୫।୮(ଏଜେନ୍ସି):** ଇରାନ ଏବଂ ଆମେରିକା ଓ ଇସ୍ରାଏଲ ମଧ୍ୟରେ ଛଅ ମାସ ଧରି ଚାଲିଥିବା ଯୁଦ୍ଧର ମୁଖ୍ୟ କେନ୍ଦ୍ରବିନ୍ଦୁ ହେଉଛି ହର୍ମୁଜ୍ ପ୍ରଣାଳୀ। ତୈଳ ଏବଂ ଗ୍ୟାସ୍ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ ଏହି ସାମୁଦ୍ରିକ ପଥରେ ଅନେକ ବାଣିଜ୍ୟିକ ଜାହାଜକୁ ଟାର୍ଗେଟ କରାଯାଇଛି। ଆନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ(ଆଇଏମଓ) ଦ୍ୱାରା ଉପସାଗରୀୟ ଅଞ୍ଚଳ ଏବଂ ପଡ଼ୋଶୀ ଜଳଭାଗରେ ୬୮ ଆକ୍ରମଣ ଘଟଣାକୁ ନିଶ୍ଚିତ କରାଯାଇଛି। ଏଥିରେ ୨୦ ଜଣ ନାବିକ ଅବା ବନ୍ଦର କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୩୫ ଜଣ ଆହତ ହୋଇଥିବା ଏବଂ ଜଣେ ନିଖୋଜ ହୋଇଥିବା ରିପୋର୍ଟ ହୋଇଛି।ପ୍ରାୟ ଅଧା ଘଟଣାରେ ଟ୍ୟାଙ୍କର୍ ଉପରେ ଆକ୍ରମଣ ହୋଇଥିବାବେଳେ ୨୦ ପ୍ରତିଶତ କଣ୍ଟେନର ଜାହାଜ ଏବଂ ୧୫ ପ୍ରତିଶତ ବଲ୍କ କ୍ୟାରିଅର୍ ଉପରେ ହୋଇଛି।ୟୁନାଇଟେଡ୍ କିଙ୍ଗଡମ୍ ମେରିଟାଇମ୍ ଟ୍ରେଡ୍ ଅପରେସନ୍ସ ୪୭ ଘଟଣାକୁ ଆକ୍ରମଣ ଭାବରେ ବର୍ଗୀକୃତ କରିଛି। ଏସବୁଥିରେ ଲାଇବେରିଆ-ପତାକାଧାରୀ ଜାହାଜଗୁଡ଼ିକ ସବୁଠାରୁ ଅଧିକ ୧୩ ଥର ପ୍ରଭାବିତ ହୋଇଛନ୍ତି। ସେହିପରି ପାନାମା ଏବଂ ମାର୍ଶାଲ ଦ୍ୱୀପପୁଞ୍ଜର ୧୦ଟି ଲେଖାଏଁ ଜାହାଜ ପ୍ରଭାବିତ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଚାରୋଟି ଘଟଣାରେ ଇରାନ ପତାକାଧାରୀ ଜାହାଜ ସମ୍ପୃକ୍ତ ଥିବା ରିପୋର୍ଟ ହୋଇଛି। ଯୁଦ୍ଧର ବିଭିନ୍ନ ପର୍ଯ୍ୟାୟରେ ଘଟଣାର ହାର ହ୍ରାସ ପାଇଥିବା ଅବା ବୃଦ୍ଧି ପାଇଥିବା କୁହାଯାଇଛି।

# ଦିଲ୍ଲୀରେ ବଢ଼ିଲା ସ୍ୱାଇନ୍ ଫ୍ଲୁ ଚିନ୍ତା !

**ନୂଆଦିଲ୍ଲୀ,୨୫।୮(ଏଜେନ୍ସି):** ଦିଲ୍ଲୀରେ ବଢୁଛି ସ୍ୱାଇନ୍ ଫ୍ଲୁ ଚିନ୍ତା । ଦିନକୁ ଦିନ ବଢୁଥିବା ଏଚ୍୧ଏନ୍୧ ମାମଲାକୁ ନେଇ ଏବେ ସତର୍କ ହୋଇଛନ୍ତି ଦିଲ୍ଲୀ ସରକାର । ରାଜଧାନୀରେ ଏପର୍ଯ୍ୟନ୍ତ ୨,୩୦୮ଟି ସ୍ୱାଇନ୍ ଫ୍ଲୁ ମାମଲା ଚିହ୍ନଟ ହୋଇଥିବା ଜଣାପଡ଼ିଛି । ଗତ କିଛି ବର୍ଷର ହାରାହାରି ତୁଳନାରେ ଏହି ସଂଖ୍ୟା ପ୍ରାୟ ୮ ଗୁଣ ଅଧିକ ବୋଲି କୁହାଯାଉଛି । ଏହାକୁ ନେଇ ଦିଲ୍ଲୀ ସ୍ୱାସ୍ଥ୍ୟ ବିଭାଗ ଆଲର୍ଟ ମୋଡ୍‌ରେ ରହିଛି । ତେବେ କେବଳ ସ୍ୱାଇନ୍ ଫ୍ଲୁ ନୁହେଁ, ଦେଶରେ ଏବେ ଏକାଧିକ ଶ୍ୱାସଜନିତ ଭାଇରସ୍‌ର ଉପସ୍ଥିତି ଚିହ୍ନଟ ହେଉଛି । ଆଇସିଏମ୍ଆର୍ ମହାନିର୍ଦ୍ଦେଶକ ରାଜୀବ ବହଲଙ୍କ ସୂଚନା ଅନୁସାରେ, ପ୍ରାୟ ୬୫୦ଟି ଫ୍ଲୁ ମାମଲା ମଧ୍ୟ ରେକର୍ଡ ହୋଇଛି । ଏହାସହ ଇନ୍‌ଫ୍ଲୁଏଞ୍ଜା-ବି ଏବଂ କିଛି କୋଭିଡ୍ ମାମଲା ମଧ୍ୟ ଚିହ୍ନଟ ହେଉଛି ।ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ବର୍ତ୍ତମାନ ଦେଶର ଶ୍ୱାସଜନିତ ସଂକ୍ରମଣ ମଧ୍ୟରେ H1N1ର ପ୍ରଭାବ ଅଧିକ ରହିଛି । ଇନ୍‌ଫ୍ଲୁଏଞ୍ଜା-ବି ମଧ୍ୟ ଚିହ୍ନଟ ହେଉଛି, ହେଲେ ଏହା ଏବେ ପ୍ରମୁଖ ଭାଇରସ୍ ନୁହେଁ । ଏଥିସହ କିଛି କୋଭିଡ୍ ମାମଲା ମଧ୍ୟ ସାମ୍ନାକୁ ଆସୁ ଛି। ଅର୍ଥାତ୍ ବର୍ତ୍ତମାନ ତିନି ପ୍ରକାରର ଭାଇରସ୍ ଇନ୍‌ଫ୍ଲୁଏଞ୍ଜା-ଏ, ଇନ୍‌ଫ୍ଲୁଏଞ୍ଜା-ବି ଏବଂ କୋଭିଡ୍ ଉପରେ ନଜର ରଖାଯାଉଛି ।କୋଭିଡ୍ ମହାମାରୀ ପରେ ଦେଶର ସର୍ଭିଲାନ୍ସ ବ୍ୟବସ୍ଥାକୁ ଆହୁରି ମଜବୁତ କରାଯାଇଛି । ଏବେ ଦେଶର ୭୩ଟି ଲାବୋରେଟୋରୀ ମାଧ୍ୟମରେ ବିଭିନ୍ନ ଭାଇରସ୍‌ର ଗତିବିଧି ଉପରେ ନଜର ରଖାଯାଉଛି । ପ୍ରତି ସପ୍ତାହରେ ଗୁରୁତର ଶ୍ୱାସଜନିତ ସଂକ୍ରମଣ ସମେତ ବିଭିନ୍ନ ମାମଲାରୁ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଉଛି । ଏପଟେ ଦିଲ୍ଲୀ ସରକାର ଲୋକଙ୍କୁ ଭୟଭୀତ ନହୋଇ ସତର୍କ ରହିବାକୁ ଅପିଲ୍ କରିଛନ୍ତି । ଭିଡ଼ ଥିବା ସ୍ଥାନକୁ ଯିବା ସମୟରେ ମାସ୍କ ପିନ୍ଧିବା, ହାତ ସଫା ରଖିବା ଏବଂ ଶ୍ୱାସଜନିତ ସ୍ୱଚ୍ଛତା ନିୟମ ପାଳନ କରିବାକୁ ପରାମର୍ଶ ଦିଆଯାଇଛି ।




## ଟିଏମସି ବିଦ୍ରୋହୀଙ୍କୁ ଝଟକା
# ଅଭିଷେକ ବାନାର୍ଜୀଙ୍କ ଆବେଦନ ଉପରେ ନୋଟିସ୍ ଜାରି କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୫।୮(ଏଜେନ୍ସି):**ଏନସିପିଆଇରେ ଯୋଗଦେଇଥିବା ୨୦ ଜଣ ତୃଣମୂଳ କଂଗ୍ରେସ ସାଂସଦଙ୍କୁ ସୁପ୍ରିମକୋର୍ଟ ନୋଟିସ୍ ଜାରି କରିଛନ୍ତି। ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ଦ୍ୱାରା ଦାୟର ଏକ ଆବେଦନ ପରେ ଏହି ନୋଟିସ୍ ଜାରି ହୋଇଛି। ଲୋକସଭା ବାଚସ୍ପତିଙ୍କୁ ମଧ୍ୟ ଏହି ଆବେଦନରେ ଏକ ପକ୍ଷଭୁକ୍ତ କରାଯାଇଛି। ତାଙ୍କ ପକ୍ଷରୁ ଉପସ୍ଥିତ ସଲିସିଟର ଜେନେରାଲ କହିଛନ୍ତି ଯେ ବାଚସ୍ପତି ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିସାରିଛନ୍ତି ଏବଂ ସମସ୍ତ ସାଂସଦଙ୍କଠାରୁ ଜବାବ ମାଗିଛନ୍ତି। ମେହେଟା ଅନୁରୋଧ କରିଛନ୍ତି ଯେ, ଶୀର୍ଷକୋର୍ଟ ବାଚସ୍ପତିଙ୍କୁ ଆନୁଷ୍ଠାନିକ ନୋଟିସ୍ ଜାରି ନ କରନ୍ତୁ। ସେ ତାଙ୍କ ପକ୍ଷରୁ କୋର୍ଟଙ୍କୁ ଆବଶ୍ୟକ ସହାୟତା କରିବେ। ବିଚାରପତିମାନେ ଏହି ଅନୁରୋଧକୁ ଗ୍ରହଣ କରିଛନ୍ତି।ଅଭିଷେକ ବାନାର୍ଜୀଙ୍କ ଆବେଦନରେ କୁହାଯାଇଛି, ଏହି ସାଂସଦମାନଙ୍କ ବିରୋଧରେ ଦଳ ବଦଳ ବିରୋଧୀ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ ଏବଂ ସଂସଦରେ ସେମାନଙ୍କର ସଦସ୍ୟତା ବାତିଲ କରାଯିବା ଉଚିତ୍। କିନ୍ତୁ, ଲୋକସଭା ବାଚସ୍ପତି ଏପରି କରୁନାହାନ୍ତି। ଆବେଦନରେ ଉଲ୍ଲେଖ କରାଯାଇଛି ଯେ, ଏହି ସାଂସଦମାନଙ୍କୁ ଆନୁଷ୍ଠାନିକ ଭାବରେ ଏକ ପୃଥକ ଗୋଷ୍ଠୀ ଭାବରେ ମାନ୍ୟତା ଦିଆଯାଇନାହିଁ କିମ୍ବା ସେମାନଙ୍କୁ ସେହିପରି ବ୍ୟବହାର କରାଯାଉନାହିଁ। ଯଦି ସେମାନଙ୍କୁ ଏନସିପିଆଇ ଭାବରେ ମାନ୍ୟତା ଦିଆଯିବା କଥା ତେବେ ସେହି ନିଷ୍ପତ୍ତି ଶୀଘ୍ର ନିଆଯିବା ଆବଶ୍ୟକ। କିନ୍ତୁ ଏହା କିପରି ସମ୍ଭବ ହୋଇପାରିବ ଯେତେବେଳେ ଗୋଟିଏ ପଟେ ସେମାନଙ୍କୁ ପୃଥକ ମାନ୍ୟତା ପ୍ରଦାନ କରିବାରୁ ବଞ୍ଚିତ କରାଯାଉଛି ଏବଂ ଅନ୍ୟପଟେ ଯେତେବେଳେ ସେମାନେ ଗୃହରେ ଭାଷଣ ଦେଉଛନ୍ତି, ସେତେବେଳେ ଆମ ଦଳ ଟିଏମସିର ନିର୍ଦ୍ଧାରିତ ସମୟରୁ ସେମାନଙ୍କର ସମୟ କଟାଯାଉଛି।



## ଖାଇରେ ଖସିଲା ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ମାଲବାହୀ ଟ୍ରକ୍: ୫୦ ଶ୍ରଦ୍ଧାଳୁ ଆହତ

**ନୂଆଦିଲ୍ଲୀ,୨୫।୮(ଏଜେନ୍ସି):** ହରିୟାଣାର କର୍ଣ୍ଣାଲ ଜିଲ୍ଲାର ଇନ୍ଦ୍ରିରୁ ଉତ୍ତର ଭାରତର ପ୍ରସିଦ୍ଧ ଧାର୍ମିକ ସ୍ଥଳ ପୀର ନିଗାହରେ ପୂଜା କରିବାକୁ ଆସିଥିବା ଶ୍ରଦ୍ଧାଳୁମାନଙ୍କର ଏକ ଦଳ ମଙ୍ଗଳବାର ସକାଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ପୀର ନିଗାହ ମନ୍ଦିରଠାରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ଏକ ୧୪ ଟାୟାର ବିଶିଷ୍ଟ ମାଲବାହୀ ଟ୍ରକ୍ ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଥିବା ଏକ ଖାଇକୁ ଖସି ପଡ଼ିଛି। ଦୁର୍ଘଟଣାରେ ପ୍ରାୟ ୫୦ ଜଣ ଶ୍ରଦ୍ଧାଳୁ ଆହତ ହୋଇଥିବା ଜଣାପଡ଼ିଛି। ଆହତମାନଙ୍କ ମଧ୍ୟରେ ମହିଳା, ପୁରୁଷ ଏବଂ ପିଲାମାନେ ଅଛନ୍ତି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଉନା ସ୍ଥିତି ଆଞ୍ଚଳିକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଅନୁସାରେ, ରବିବାର ଦିନ ପାନିପତ, ଫତେହାବାଦ ଏବଂ ହରିୟାଣାର ଅନ୍ୟାନ୍ୟ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ପୀର୍ ନିଗାହରେ ପହଞ୍ଚିଥିଲେ। ପୂଜା କରିବା ଲଙ୍ଗର ମଧ୍ୟ ଆୟୋଜନ କରିଥିଲେ।ମଙ୍ଗଳବାର ସକାଳେ ସେମାନେ ମାତା ନୈନା ଦେବୀ ଏବଂ ଶ୍ରୀ ଆନନ୍ଦପୁର ସାହିବରେ ପୂଜାର୍ଚ୍ଚନା କରି ଘରକୁ ଫେରିବାର ଥିଲା। ଏହି ସମୟରେ, ପୀର ନିଗାହ ମନ୍ଦିରରୁ ଅଳ୍ପ ଦୂରରେ ଡ୍ରାଇଭର ମାଲବାହକ ଟ୍ରକ୍ ଉପରୁ ନିୟନ୍ତ୍ରଣ ହରାଇଥିଲେ ଏବଂ ଗାଡ଼ିଟି ଏକ ଖାତକୁ ଖସି ପଡ଼ିଥିଲା।

## ଆମେରିକା ପ୍ରଥମେ ନିଜର ମନୋଭାବରେ ସୁଧାର ଆଣିବା ଉଚିତ୍
# ମୁନିରଙ୍କୁ ସ୍ପଷ୍ଟ ଭାବରେ କହିଲା ଇରାନ

**ନୂଆଦିଲ୍ଲୀ,୨୫।୮(ଏଜେନ୍ସି):**ମଧ୍ୟସ୍ଥି ପାକିସ୍ତାନ ସମ୍ମୁଖରେ ଆମେରିକାର ଆଭିମୁଖ୍ୟ ଉପରେ ଇରାନ ପ୍ରଶ୍ନ ଉଠାଇଛି। ତେହେରାନରେ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିରଙ୍କ ସହ ସାକ୍ଷାତ କରି ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ କହିଛନ୍ତି ଯେ ଆମେରିକାର ଆଭିମୁଖ୍ୟ ଯୋଗୁଁ ସମାଧାନ ହୋଇପାରୁ ନାହିଁ। ଯଦି ଆମେରିକା ଯୁଦ୍ଧ ଶେଷ କରିବାକୁ ଏବଂ ପରିସ୍ଥିତିରେ ଉନ୍ନତି ଆଣିବାକୁ ଚାହେଁ, ତେବେ ତାକୁ ଇରାନ ପ୍ରତି ନିଜର ଆଭିମୁଖ୍ୟରେ ପରିବର୍ତ୍ତନ କରିବାକୁ ପଡିବ। ଟ୍ରମ୍ପ ପ୍ରଶାସନର ଚାପ ଏବଂ ଧମକ ଏମଓୟୁ କାର୍ଯ୍ୟକାରୀ କରିବା ପ୍ରକ୍ରିୟାକୁ ଆହୁରି ଜଟିଳ କରୁଛି। ମାସୁଦ ସ୍ପଷ୍ଟ ଭାବରେ ମୁନିରଙ୍କୁ କହିଛନ୍ତି ଯେ, ଆମେରିକାର ବୃଥା ଧମକ ଦ୍ୱାରା ଇରାନ ଭୟଭୀତ ହେବ ନାହିଁ। ଏହି ସମୟରେ, ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ଧମକ ଦେଇ କହିଛନ୍ତି, ନୂତନ ଆର୍ଥିକ କଟକଣା ସହିତ ଇରାନ ବିରୋଧରେ ପୁଣି ଥରେ ସାମରିକ ଆକ୍ରମଣର ବିକଳ୍ପ ମଧ୍ୟ ଖୋଲା ରହିଛି। ଆମେ ହର୍ମୁଜ୍ ପ୍ରଣାଳୀ କିମ୍ବା ଇରାନ ନିକଟବର୍ତ୍ତୀ କୌଣସି ସ୍ଥାନରେ ଆକ୍ରମଣର ବିକଳ୍ପକୁ ଅସ୍ୱୀକାର କରୁନାହୁଁ। ଆମେରିକାର ଆର୍ଥିକ ଚାପକୁ ଇରାନ କେବେ ମଧ୍ୟ ସହ୍ୟ କରିପାରିବ ନାହିଁ।ଆମେରିକାର ନୂଆ ଆର୍ଥିକ କଟକଣା ଯୋଗୁଁ ଏହି ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଥିବା ବେଳେ ମୁନିର ଇରାନ ଅଧିକାରୀଙ୍କ ସହ ଆଲୋଚନା ପାଇଁ ଇରାନରେ ପହଞ୍ଚିଛନ୍ତି। ଇରାନକୁ ହାର ମାନିବାକୁ ବାଧ୍ୟ କରିବା ପାଇଁ ଆମେରିକା ଆର୍ଥିକ ଆକ୍ରମଣ କରିଛି। ଅପରପକ୍ଷରେ ଇରାନ ନିଜ ସର୍ତ୍ତରୁ ପଛକୁ ହଟିବାକୁ ନାରାଜ ହେଉଛି। ମୁନିରଙ୍କ ସହ ତାଙ୍କର ଆଲୋଚନାରେ ମାସୁଦ ଆଶା ପ୍ରକାଶ କରିଛନ୍ତି ଯେ, ଇରାନ ଏବଂ ପାକିସ୍ତାନ ମଧ୍ୟରେ ନିରନ୍ତର ସହଯୋଗ ୧୪-ସୂତ୍ରୀ ବୁଝାମଣାପତ୍ର(ଏମଓୟୁ)ରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ। ସେ କହିଛନ୍ତି ଯେ ଶାନ୍ତି ପାଇଁ ୱାସିଂଟନକୁ ଇରାନକୁ ଦେଇଥିବା ଅନ୍ତର୍ଜାତୀୟ ଆଇନ ଏବଂ ମାନଦଣ୍ଡ ଉପରେ ଆଧାରିତ ପ୍ରତିଶ୍ରୁତି ପାଳନ କରିବାକୁ ପଡିବ। ମାସୁଦ ପେଜେଶକିୟାନ କହିଛନ୍ତି ଯେ ଆମେରିକା ଇରାନ ଉପରେ ଚାପ ପକାଇବାକୁ ଚେଷ୍ଟା କରୁଛି ଏବଂ ଧମକ ଦେଉଛି।ଇରାନବାସୀ ଜାତୀୟ ଏକତା ମାଧ୍ୟମରେ ଏହି ଚାପକୁ ସହ୍ୟ କରିବେ, ଯେପରି ସେମାନେ ବର୍ଷ ବର୍ଷ ଧରି କରିଆସୁଛନ୍ତି।



# ବନ୍ଧନ ବ୍ୟାଙ୍କର ୧୧ ବର୍ଷ ପୂର୍ତ୍ତି, ସ୍ପର୍ଶ କଲା ୨୦୦୦ତମ ଶାଖା ମାଇଲଖୁଣ୍ଟ

**ଭୁବନେଶ୍ୱର, ୨୫।୮ (ନି.ପ୍ର) :** ବନ୍ଧନ ବ୍ୟାଙ୍କ ପକ୍ଷରୁ ୧୧ତମ ବାର୍ଷିକ ଦିବସ ପାଳନ ଅବସରରେ ତାମିଲନାଡୁ ସ୍ଥିତ ଚେନ୍ନାଇର ଏଗମୋରରେ ୨୦୦୦ତମ ଶାଖା ଶୁଭାରମ୍ଭ ସହ ବ୍ୟାଙ୍କର ଏହାର ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରିଛି। ଏଥି ସହିତ ସର୍ବଭାରତୀୟ ସ୍ତରରେ ବ୍ୟାଙ୍କ ଏହାର ଉପସ୍ଥିତି ସୁଦୃଢ଼ କରିପାରିଛି। ଏହି ଶାଖା ସହିତ ବ୍ୟାଙ୍କର ଭାରତରେ ମୋଟ ବ୍ୟାଙ୍କିଂ ଆଉଟଲେଟ ସଂଖ୍ୟା ୬୪୦୦ ସଂଖ୍ୟା ସ୍ପର୍ଶ କରିଛି ଯାହା ସହରାଚଂଳ, ଗ୍ରାମାଚଂଳ ଓ ଗ୍ରାମୀଣ ଭାରତରେ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ଏବଂ ତୃଣମୂଳ ସ୍ତରରେ ଆର୍ଥିକ ସେବା ପହଂଚାଇବାରେ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିପାରିଛି।ଏହି ଅବସରରେ ବନ୍ଧନ ବ୍ୟାଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ମାଇକ୍ରୋଫାଇନାନ୍ସ ଗ୍ରାହକମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ଏକ ସରଳୀକୃତ ମୋବାଇଲ ବ୍ୟାଙ୍କିଂ ଆପ୍ଲିକେସନ ଏମବନ୍ଧନ ଲାଇଟକୁ ଉନ୍ମୋଚନ କରାଯାଇଥିଲା ଯାହା ସେମାନଙ୍କ ପାଇଁ ଡିଜିଟାଲ ବ୍ୟାଙ୍କିଂକୁ ସହଜଲଭ୍ୟ, ଅର୍ନ୍ତଭୁକ୍ତୀକରଣ ଓ ଆମୋଦଦାୟକ କରିବ। ଏହି ଆପରେ ଆଧାର ଆଧାରିତ ପୀକରଣ ସୁବିଧା, ଆକାଉଂଟ ଟ୍ରାକିଂ, ଋଣ ପରିଶୋଧ ସୁବିଧା, ଷ୍ଟେଟମେଂଟ ଓ ସାର୍ଟିଫିକେଟ ପାଇବା, ଚାଟବଟ ସହାୟତା ଓ ଇଂରାଜୀ, ହିନ୍ଦୀ ଓ ବେଙ୍ଗାଲୀ ଭଳି ବହୁଭାଷା ଭିତ୍ତିକ ସହାୟତା ରହିଛି ଯାହା ଗ୍ରାହକମାନଙ୍କୁ ଅବିରତ ବ୍ୟାଙ୍କିଂ ଅନୁଭୂତି ପ୍ରଦାନ କରିବ। ଗ୍ରାହକମାନଙ୍କ ଉଦୀୟମାନ ଆବଶ୍ୟକତାକୁ ପୂରଣ କରିବା ଲାଗି ଉଭୟ ପ୍ରତ୍ୟକ୍ଷ ଓ ଡିଜିଟାଲ ଉପସ୍ଥିତିକୁ ସମ୍ପ୍ରସାରଣ କରିବା ଦିଗରେ ବ୍ୟାଙ୍କର ରଣନୀତିକୁ ଏହି ଯୁଗଳ ମାଇଲଖୁଂଟ ଦର୍ଶାଉଛି। ୨୦୦୦ତମ ଶାଖା ବ୍ୟାଙ୍କର ଜାରି ରହିଥିବା ଶାଖା ନେଟୱର୍କ ସମ୍ପ୍ରସାରଣକୁ ପ୍ରତିଫଳିତ କରୁଛି ଏବଂ ଏମବନ୍ଧନ ଲାଇଟ ଡିଜିଟାଲ ବ୍ୟାଙ୍କିଂ ସେବାକୁ ସରଳ ଓ ସହଜଲଭ୍ୟ କରିପାରିଛି। ମିଳିତ ଭାବେ ଏହି ଅଭିଯାନଗୁଡ଼ିକ ଆର୍ଥିକ ଅର୍ନ୍ତଭୁକ୍ତୀକରଣକୁ ବଢ଼ାଇବା ଓ ସାରା ଭାରତରେ ଏକ ସୁବିଧାଜନକ, ଗ୍ରାହକ କୈନ୍ଦ୍ରିକ ବ୍ୟାଙ୍କିଂ ଅନୁଭୂତି ପ୍ରଦାନ କରିବାରେ ବ୍ୟାଙ୍କର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି।

# ଏସ୍କର୍ଟସ କୁବୋଟା ପକ୍ଷରୁ ଏମୟୁ୪୫୦୨ ଓ ଏମୟୁ୫୦୦୨ ଉନ୍ମୋଚିତ

**ଭୁବନେଶ୍ୱର, ୨୫।୮ (ନି.ପ୍ର) :** ଏସ୍କର୍ଟସ୍ କୁବୋଟା ଲିମିଟେଡ୍ ପକ୍ଷରୁ ୪୫ ହର୍ସପାୱାର (ଏଚପି) ସହିତ କୁବୋଟା ଏମୟୁ୪୫୦୨ ଏବଂ ୫୦ ଏଚପି ସହିତ କୁବୋଟା ଏମୟୁ୫୦୦୨ ନାମକ ଦୁଇଟି ନୂଆ ଟ୍ରାକ୍ଟର ମଡେଲ୍‌ର ଶୁଭାରମ୍ଭ କରାଯାଇଛି। ଏହି ମଡେଲଗୁଡ଼ିକ ୪୧-୫୦ ଏଚପି ବର୍ଗରେ କମ୍ପାନୀର ପ୍ରିମିୟମ୍ ୟୁଟିଲିଟି ଟ୍ରାକ୍ଟର ପୋର୍ଟଫୋଲିଓକୁ ସୁଦୃଢ଼ କରିଛନ୍ତି ଯାହା ଭାରତୀୟ ଟ୍ରାକ୍ଟର ବଜାରରେ ସବୁଠାରୁ ବୃହତ ଏବଂ ଦ୍ରୁତଅଭିବୃଦ୍ଧିଶୀଳ ସେଗମେଂଟ ମଧ୍ୟରୁ ଗୋଟିଏ। ଉଭୟ ମଡେଲରେ ଏକ ଶିଳ୍ପ-ପ୍ରଥମ ୮ ବର୍ଷର ସ୍ଥାନାନ୍ତରଯୋଗ୍ୟ ୱାରେଂଟି ରହିଛି ଯାହା ଏହି ଉତ୍ପାଦଗୁଡ଼ିକର ନିର୍ମାଣ ଗୁଣବତା ଓ କାର୍ଯ୍ୟଦକ୍ଷତାର ସ୍ଥାୟୀତ୍ୱ ପ୍ରତି କମ୍ପାନୀର ଉଚ୍ଚ ବିଶ୍ୱାସକୁ ପ୍ରତିଫଳନ କରୁଛି। ଉଭୟ ଟ୍ରାକ୍ଟର ପ୍ରମାଣିତ କୁବୋଟା କେକ୍ୟୁପି୪ ଜାପାନୀ ଇଂଜିନ ଦ୍ୱାରା ପରିଚାଳିତ। ଏଗୁଡ଼ିକ ଏକ ଆଡ୍‌ଭାନ୍ସଡ ୧୨ଏଫ+୪ଆର ମଲ୍ଟି-ସ୍ପିଡ





ସିଙ୍କ୍ରୋମେଶ ଗିୟରବକ୍ସ ସହ ସୁସଜ୍ଜିତ ଯାହା କୃଷକଙ୍କୁ ପ୍ରତ୍ୟେକ କାର୍ଯ୍ୟ ପାଇଁ ଉପଯୁକ୍ତ ବେଗ ଚୟନ କରିବାକୁ ଅନୁମତି ଦେଇଥାଏ, ଯାହାଫଳରେ ସେମାନେ ଦ୍ରୁତ ବେଗରେ କାର୍ଯ୍ୟ କରିପାରିଥାନ୍ତି। ଡିଏସଏସ (ଡୁଆଲ୍ ଷ୍ଟାବିଲାଇଜର ସ୍ପ୍ରିଙ୍ଗ) ଟେକ୍ନୋଲୋଜି ସହିତ ପୋଜିସନ ଲିଫ୍ଟ କାର୍ଯ୍ୟକାରିତାକୁ ସ୍ଥିର ରଖିଥାଏ ଏବଂ ଅସମତଳ ଭୂମିରେ ମଧ୍ୟ ଏକ ସ୍ଥିର କାର୍ଯ୍ୟ ଗଭୀରତା ବଜାୟ ରଖିଥାଏ।

ଏହି ଲଂଚ୍ ସମ୍ପର୍କରେ ଏସ୍କର୍ଟସ୍ କୁବୋଟା ଲିମିଟେଡର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ନିଖିଲ ନନ୍ଦ କହିଛନ୍ତି, '୪୧-୫୦ ଏଚପି ବର୍ଗ ଭାରତୀୟ ଟ୍ରାକ୍ଟର ବଜାରରେ ସବୁଠାରୁ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ମଧ୍ୟରୁ ଗୋଟିଏ, ଏବଂ ନୂଆ ଏମୟୁ୪୫୦୨ ଓ ଏମୟୁ୫୦୦୨ ଏକ ଅଧିକ ସମ୍ପୂର୍ଣ୍ଣ ପ୍ରିମିୟମ୍ ୟୁଟିଲିଟି ପ୍ରଦାନ କରି ଏକ୍ଷେତ୍ରରେ ଆମର ସ୍ଥିତି ସୁଦୃଢ଼ କରିଛି। ପ୍ରଗତିଶୀଳ ଚାଷୀ, ଅପଗ୍ରେଡ୍ କରିବାକୁ ଚାହୁଁଥିବା ଟ୍ରାକ୍ଟର ମାଲିକ, ଚୁକ୍ତିଭିତିକ କୃଷି ପରିଚାଳକ ଏବଂ ବିବିଧ ଫସଲ ପଦ୍ଧତି ଓ କୃଷି ପଦ୍ଧତିରେ ଭଡା ( କଷ୍ଟମ ହାୟରିଙ୍ଗ) ବ୍ୟବସାୟ ଉପରେ ଲକ୍ଷ୍ୟ ରଖିଥିବା, ଏହି ଟ୍ରାକ୍ଟରଗୁଡ଼ିକ ଭାରତର କୃଷକମାନଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ ଉପରେ ଧ୍ୟାନ ଦେବା ପାଇଁ ଆମର ରଣନୀତିକୁ ପ୍ରତିଫଳିତ କରୁଛି।' କମ୍ପାନୀର ଉପ ପରିଚାଳନା ନିର୍ଦ୍ଦେଶକ ଅକିରା କାଟୋ କହିଛନ୍ତି, 'ଏମୟୁ୪୫୦୨ ଓ ଏମୟୁ୫୦୦୨ରେ କୁବୋଟାର ଜାପାନୀ ଇଂଜିନିୟରିଂର ଶକ୍ତି ରହିଛି ଯାହାକୁ ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ କାର୍ଯ୍ୟଦକ୍ଷତା ଓ ସ୍ଥାୟିତ୍ୱ ପାଇଁ ନିର୍ମାଣ କରାଯାଇଛି। ୧୨ଏଫ +୪ଆର ମଲ୍ଟି-ସ୍ପିଡ୍ ସିଙ୍କ୍ରୋମେଶ ଗିୟର ବକ୍ସ ଏବଂ ଡିଏସଏସ ଟେକ୍ନୋଲୋଜି ସହ ପୋଜିସନ ଲିଫ୍ଟ ସହିତ ମେଳ ଖାଉଥିବା ପ୍ରମାଣିତ କେକ୍ୟୁପି୪ ଇଂଜିନକୁ ଚାଳନା ଖର୍ଚ୍ଚ କମ ରଖିବା ଏବଂ ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି।' ସେହିପରି ଟ୍ରାକ୍ଟର ଡିଭିଜନର ମୁଖ୍ୟ ଅଧିକାରୀ ରାଜନ ଚୁଗ୍ କହିଛନ୍ତି, 'ଏମୟୁ୪୫୦୨ ଓ ଏମୟୁ୫୦୦୨ ସହିତ, ଆମେ ହର୍ସପାୱାର୍ ଅପେକ୍ଷା ଶକ୍ତି ହାସଲ କରିବା ଉପରେ ଅଧିକ ଧ୍ୟାନ ଦେଉଛୁ। ଏହି ୪ଡବ୍ଲୁଡି ଟ୍ରାକ୍ଟରଗୁଡ଼ିକୁ ଚାଷୀମାନଙ୍କୁ ପ୍ରତି ଘଂଟାରେ ଅଧିକ କାମ କରିବା, ପ୍ରତି ଏକରରୁ ଅଧିକ ରୋଜଗାର କରିବା ଏବଂ ଆୟର ଅତିରିକ୍ତ ଉତ୍ସ ଭାବରେ କଷ୍ଟମ୍ ହାୟାରିଙ୍ଗ (ଭଡା) ଗ୍ରହଣ କରିବାରେ ସାହାଯ୍ୟ କରିଥାଏ।

# ହୋମ୍ ଆପ୍ଲାଏନସ୍ସେ ପୋର୍ଟଫୋଲିଓକୁ ସୁଦୃଢ କରିଛି ଇଂଟେକ୍ସ

**ଭୁବନେଶ୍ୱର, ୨୫।୮ (ନି.ପ୍ର):** ଭାରତର ଅନ୍ୟତମ ଅଗ୍ରଣୀ ଘରୋଇ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ଇଂଟେକ୍ସ ଟେକ୍ନୋଲୋଜିସ୍ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ କଞ୍ଜ୍ୟୁମର ଡ୍ୟୁରାବୁଲ୍ସ ମାର୍କେଟରେ ନିଜର ଉପସ୍ଥିତି ମଜବୁତ କରିବା ପାଇଁ ଏହାର ବିସ୍ତୃତ ରଣନୀତିର ଅଂଶ ଭାବେ ନିଜର ହୋମ୍ ଆପ୍ଲାଏନସ୍ସେ ପୋର୍ଟଫୋଲିଓର ସମ୍ପ୍ରସାରଣ ଘୋଷଣା କରିଛି । ଇଂଟେକ୍ସ ପକ୍ଷରୁ



ଡେକୋରେଟିଭ, ଶକ୍ତି-ଦକ୍ଷ ବିଏଲଡିସି, ଏଗ୍‌ଜଷ୍ଟ ଓ ଟିପିଡବ୍ଲ୍ୟୁ (ଟେବୁଲ, ପେଡେଷ୍ଟାଲ ଓ ୱାଲ) ମଡେଲଗୁଡିକ ସମେତ ଫ୍ୟାନଗୁଡିକର ଏକ ବିସ୍ତୃତ ରେଞ୍ଜ ସହ ହୋମ୍ ଆପ୍ଲାଏନସ୍ସେ ପୋର୍ଟଫୋଲିଓକୁ ସମ୍ପ୍ରସାରଣ କରାଯାଇଛି । ଏଥିସହିତ କମ୍ପାନୀ ବିବିଧ ଘରୋଇ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଭିନ୍ନ କ୍ଷମତାରେ ଷ୍ଟୋରେଜ ଓ ଇନ୍‌ଷ୍ଟାଂଟ ଗିଜର୍ ସହ ୱାଟର ହିଟର ବର୍ଗରେ ମଧ୍ୟ ପ୍ରବେଶ କରିଛି । କିଚେନ ଓ ଦୈନନ୍ଦିନ ଆପ୍ଲାଏନ୍ସ ସେଗ୍ମେଂଟରେ ନିଜର ଉପସ୍ଥିତି ମଜବୁତ କରି, ଆଇରନ, ମିକ୍ସଚର ଗ୍ରାଇଣ୍ଡର, ଜୁସର ମିକ୍ସଚର ଗ୍ରାଇଣ୍ଡର, ଏୟାର ଫ୍ରାୟର, ଇଲେକ୍ଟ୍ରିକ କେଟିଲ ଓ କୁକଟପ ଭଳି ଉତ୍ପାଦଗୁଡିକ ସହ ଇଂଟେକ୍ସ ନିଜର କ୍ଷୁଦ୍ର ଘରୋଇ ଆପ୍ଲାଏନ୍ସ ପୋର୍ଟଫୋଲିଓକୁ ମଧ୍ୟ ବିସ୍ତାର କରିଛି । ଏହି ସମ୍ପ୍ରସାରଣ ଏକ ସୁବ୍ୟବସ୍ଥିତ ହୋମ୍ ଆପ୍ଲାଏନ୍ସ ବ୍ୟବସାୟ ନିର୍ମାଣ କରିବାର ଇଂଟେକ୍ସର ରଣନୀତିକୁ ପ୍ରତିଫଳନ କରୁଛି । କମ୍ପାନୀ ଉପଭୋକ୍ତାଙ୍କୁ ଗୋଟିଏ ବିଶ୍ୱସନୀୟ ବ୍ରାଣ୍ଡ ଅଧିନରେ ନିର୍ଭରଯୋଗ୍ୟ ଓ ମୂଲ୍ୟ-ପରିଚାଳିତ ସମାଧାନଗୁଡିକର ଏକ ବିସ୍ତୃତ ଶୃଙ୍ଖଳା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି । ଏହି ପଦକ୍ଷେପ ଇଂଟେକ୍ସର କଞ୍ଜ୍ୟୁମର ଡ୍ୟୁରାବୁଲ୍ସ ବିଜନେସ୍ର ମଜବୁତ ସଫଳତା ଉପରେ ଆଧାରିତ, ଯାହା ୨୦୨୫-୨୬ ଆର୍ଥିକ ବର୍ଷରେ ୮୦%ର ବାର୍ଷିକ ଅଭିବୃଦ୍ଧି ହାସଲ କରିଥିଲା, ଏହା ମୁଖ୍ୟତଃ ସ୍ମାର୍ଟ ଟିଭି, ଏୟାର କଣ୍ଡିସନର ଓ ୱାଶିଂ ମେଶିନ ବର୍ଗରେ ଦୃଢ ଚାହିଦା ଦ୍ୱାରା ପରିଚାଳିତ ହୋଇଥିଲା । ଟିୟର ୨ ଓ ଟିୟର ୩ ବଜାରଗୁଡିକରେ ଚାହିଦା ବୃଦ୍ଧି ପାଉଥିବାରୁ ଇଂଟେକ୍ସ ଏହାର ଜାତୀୟସ୍ତରୀୟ ବିତରଣ ନେଟୱର୍କ, ମଜବୁତ ରିଟେଲ ସହଭାଗିତା ଓ ବିକ୍ରି ପରବର୍ତୀ ସେବା କ୍ଷମତାର ଉପଯୋଗ କରି ଏହାର ଉପସ୍ଥିତି ବିସ୍ତାର କରିବା ପାଇଁ ଏକ ବଡ ସୁଯୋଗ ପରିଲକ୍ଷିତ କରୁଛି ।

# ୱେଷ୍ଟର୍ଣ୍ଣ ଡେଡିକେଟେଡ ଫ୍ରେଟ କରିଡରରେ ପରିଚାଳନା ବିସ୍ତାର କରିଛି ଆମାଜନ

**ଭୁବନେଶ୍ୱର, ୨୫।୮ (ନି.ପ୍ର) :** ଆମାଜନ ଇଣ୍ଡିଆ ପକ୍ଷରୁ ଡେଡିକେଟେଡ ଫ୍ରେଟ କରିଡର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ (ଡିଏଫସିସିଆଇଏଲ) ସହ ସହଭାଗିତାରେ ଭାରତୀୟ ରେଳ ବିଭାଗର ୱେଷ୍ଟର୍ଣ୍ଣ ଡେଡିକେଟେଡ ଫ୍ରେଟ କରିଡର (ଡିଏଫସି)ରେ ଏହାର ପରିଚାଳନାର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମ୍ପ୍ରସାରଣ ଉତର ଓ ପଶ୍ଚିମ ଭାରତରେ ଆମାଜନର ମଲ୍ଟିମୋଡାଲ ଟ୍ରାନ୍ସପୋର୍ଟେଶନ ନେଟୱର୍କ ମଧ୍ୟରେ ରେଳର ଭୂମିକାକୁ ସୁଦୃଢ କରିଛି। ଏହି ସମ୍ପ୍ରସାରଣ ସହିତ ଆମାଜନ ଭାରତୀୟ ରେଳ ବିଭାଗର ୱେଷ୍ଟର୍ଣ୍ଣ ଡେଡିକେଟେଡ ଫ୍ରେଟ୍ କରିଡରରେ ଉଦ୍‌ଘାଟନୀ ଜଏଂଟ ପାର୍ସଲ ପ୍ରଡକ୍ଟ-ର୍‍ୟାପିଡ କାର୍ଗୋ ସର୍ଭିସ (ଜେପିପି-ଆରସିଏ) ରେ ନିଜର ପରିଚାଳନା ଆରମ୍ଭ କରିଥିବା ପ୍ରଥମ ଇକମର୍ସ କମ୍ପାନୀରେ ପରିଣତ ହୋଇଛି। ଏହି ଟ୍ରେନକୁ ଗତ ଅଗଷ୍ଟ ୧୮ ତାରିଖ ୨୦୨୬ରେ ନ୍ୟୁ ଦାଦ୍ରୀ ରେଳ ଷ୍ଟେସନଠାରେ ରେଲ୍‌ୱେ ବୋର୍ଡର ସଦସ୍ୟ (ପରିଚାଳନା ଓ ବ୍ୟବସାୟ ବିକାଶ ବିଭାଗ) ଡଃ ମନୋଜ ସିଂହ ଏବଂ ଆମାଜନ ଇଣ୍ଡିଆର ପରିଚାଳନା ବିଭାଗର ନିର୍ଦ୍ଦେଶକ



କିଶୋର ଲଙ୍କାଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଏହି ନିୟମିତ ରେଳ ଯାତାୟତ ଆମାଜନର ଉତର ଓ ପଶ୍ଚିମ ନେଟୱର୍କକୁ ସଂଯୋଗ କରିବ ଏବଂ ୧୯ରୁ ଅଧିକ ଭ୍ୟାନ ପାର୍ସଲ (ଭିପି) ଏହି ରୁଟ୍‌ରେ ପରିଚାଳିତ ହେବ। ଏହା ସିପମେଂଟଗୁଡିକର ପରିବହନକୁ ସର୍ଫେସ୍ ଟ୍ରାନ୍ସପୋର୍ଟେଶନରୁ ରେଳକୁ ସ୍ଥାନାନ୍ତର କରିବ। ଏହି କରିଡର ଦିଲ୍ଲୀ, ଅହମ୍ମଦାବାଦ ଓ ସୁରଟ ଭଳି ପ୍ରମୁଖ ଅଂଚଳଗୁଡିକରେ ଆମାଜନର ନେଟୱର୍କକୁ ପୁନେ, ମୁମ୍ବାଇ ଓ ଗୋଆରେ ଅନୱାର୍ଡ କନେକ୍ଟିଭିଟି ସହ ସଂଯୋଗ କରିବ, ଯାହା ପାର୍ବଣ ଋତୁ ପୂର୍ବରୁ ସିପମେଂଟଗୁଡିକର ପରିବହନରେ ସହଯୋଗ କରିବ। ଏସମ୍ପର୍କରେ ଆମାଜନ ଇଣ୍ଡିଆର ଅପରେଶନ୍ସ ବିଭାଗର ନିର୍ଦ୍ଦେଶକ କିଶୋର ଲଙ୍କା କହିଛନ୍ତି, ଉତ୍ସର୍ଗୀକୃତ ମାଲ୍ ପରିବହନ ଭିତିଭୂମି ବ୍ୟବହାରକୁ ସମ୍ପ୍ରସାରଣ କରି ଆମେ ଆମର ପରିବହନ ନେଟୱର୍କରେ ବିବିଧତା ବୃଦ୍ଧି କରୁଛୁ ଏବଂ ରେଳକୁ ପରିବହନର ଏକ ସୁଲଭ, ନିର୍ଭରଯୋଗ୍ୟ ଓ ସ୍ଥାୟୀ ମାଧ୍ୟମ ଭାବେ ଉପଯୋଗ କରୁଛୁ।

# ଆମାଜନ ବେଡ୍‌ରକ୍‌ରେ ଓପନଏଆଇ ଜିପିଟି-୫.୬ ଟେରା ଓ ଲୁନା ମଡେଲ ଉପଲବ୍ଧ

**ଭୁବନେଶ୍ୱର, ୨୫।୮ (ନି.ପ୍ର) :** ଏକ ଆମାଜନ ଡଟ୍ କମ୍, ଆଇଏନସି.କମ୍ପାନୀ, ଆମାଜନ ୱେବ ସର୍ଭିସେସ (ଏଡବ୍ଲ୍ୟୁଏସ) ପକ୍ଷରୁ ଇନ୍-କଂଟ୍ରି ଇନ୍‌ଫରେନ୍ସିଙ୍ଗ ସହିତ ଭାରତରେ ଆମାଜନ ବେଡ୍‌ରକରେ ଓପନଏଆଇ ଜିପିଟି-୫.୬ ଟେରା ଓ ଲୁନା ମଡେଲ୍‌ର ସାଧାରଣ ଉପଲବ୍ଧତାର ଘୋଷଣା କରାଯାଇଛି। ଏହି କ୍ଷମତା ସହିତ ଆମାଜନ ବେଡ୍‌ରକ୍‌ରେ ଓପନଏଆଇ ମଡେଲ୍ ଇନ୍‌ଫରେନ୍ସକୁ ଏଡବ୍ଲ୍ୟୁଏସ ଭିତିଭୂମିରେ ପ୍ରୋସେସ କରାଯାଉଛି, ଯାହା ସଂସ୍ଥାଗୁଡିକୁ ସ୍ଥାନୀୟ ରୂପେ ଅଗ୍ରଗାମୀ ମଡେଲଗୁଡିକୁ ଉପଯୋଗ କରିବା ପାଇଁ କ୍ଷମତା ପ୍ରଦାନ କରୁଛି। ଏହି ଲଂଚ୍ ବିତୀୟ ସେବା, ସ୍ୱାସ୍ଥ୍ୟସେବା, ସାର୍ବଜନିନ କ୍ଷେତ୍ର, ଷ୍ଟାର୍ଟଅପ ଓ ଅନ୍ୟ ଶିଳ୍ପଗୁଡିକରେ ଗ୍ରାହକଙ୍କୁ ଭାରତରେ ସ୍ଥାନୀୟ ରୂପେ ଓପନଏଆଇ ମଡେଲ୍‌ଗୁଡିକୁ ହାସଲ କରିବା ପାଇଁ ସକ୍ଷମ କରିଛି। ଜିପିଟି-୫.୬ ଟେରା ହେଉଛି ଦୈନନ୍ଦିନ ଉଦ୍ୟୋଗ କାର୍ଯ୍ୟଭାରଗୁଡିକ ପାଇଁ ଏକ ସନ୍ତୁଳିତ, ସାଧାରଣ-ଉଦ୍ଦେଶ୍ୟ ବିଶିଷ୍ଟ ମଡେଲ ଯାହା କମ୍ ମୂଲ୍ୟରେ ପୂର୍ବ ପିଢିକୁ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ, ସେହିପରି ଜିପିଟି-୫.୬ ଲୁନା ହେଉଛି ସମରାଇଜେଶନ, କ୍ଲାସିଫିକେଶନ ଭଳି ଅଧିକ ପରିମାଣର, ଲାଟେନ୍ସି-ସେନ୍ସିଟିଭ କାର୍ଯ୍ୟଗୁଡିକ ପାଇଁ ଉଦ୍ଦେଶ୍ୟ-ନିର୍ମିତ ସବୁଠାରୁ ଦ୍ରୁତ ଓ କମ୍ ଖର୍ଚ୍ଚଯୁକ୍ତ ମଡେଲ। ଆମାଜନ ବେଡ୍‌ରକ ସହିତ ଗ୍ରାହକମାନେ ବିନା କୌଣସି ଭିତିଭୂମି ପରିବର୍ତନ ସହିତ ଏକ ସିଙ୍ଗଲ ଏପିଆଇ ମାଧ୍ୟମରେ ଏଡବ୍ଲ୍ୟୁଏସରେ ଉପଲବ୍ଧ ଫାଉଣ୍ଡେଶନ ମଡେଲଗୁଡିକର ଏକ ବିସ୍ତୃତ ଚୟନ ସମେତ ଓପନଏଆଇ ମଡେଲଗୁଡିକୁ ଆକ୍‌ସେସ କରିପାରିବେ।

ଏସମ୍ପର୍କରେ ଓପନଏଆଇର ଭାରତର ଏଂଟରପ୍ରାଇଜ ସେଲ୍ସ ବିଭାଗର ମୁଖ୍ୟ ନିତିନ ବାୱନକୁଲେ କହିଛନ୍ତି, 'ଭାରତରେ ବ୍ୟବସାୟଗୁଡିକ ଏଭଳି ମଡେଲ ଚାହୁଁଛନ୍ତି ଯାହା ଟିମଗୁଡିକୁ ଅଧିକ ଦକ୍ଷତାର ସହ ସଫ୍ଟୱେୟାର ଲେଖିବା, ଜଟିଳ ସୂଚନାଗୁଡିକ ଉପରେ କାର୍ଯ୍ୟ କରିବା ଏବଂ କାର୍ଯ୍ୟ ପ୍ରବାହରେ ଉଚ୍ଚମାନର ନିଷ୍ପତି ଗ୍ରହଣ କରିବାରେ ସାହାଯ୍ୟ କରିପାରିବ। ଭାରତରେ , ବିଶେଷ କରି ନିୟନ୍ତ୍ରିତ କ୍ଷେତ୍ରଗୁଡିକରେ ଅନେକ ସଂସ୍ଥା ପାଇଁ ଲୋକାଲ ଇନ୍‌ଫରେନ୍ସିଙ୍ଗ , ଆତ୍ମବିଶ୍ୱାସର ସହ ଏଆଇ ଗ୍ରହଣ କରିବାର ଏକ ପ୍ରମୁଖ ଅଂଶ ଅଟେ। ଆମର ମଡେଲଗୁଡିକୁ ଆମାଜନ ବେଡ୍‌ରକ ମାଧ୍ୟମରେ ଉପଲବ୍ଧ କରି, ଆମେ ଅଧିକରୁ ଅଧିକ ସଂସ୍ଥାକୁ ଉତ୍ପାଦନରେ ସେହି କ୍ଷମତା ଆଣିବା ପାଇଁ ଏକ ବ୍ୟବହାରିକ ମାଧ୍ୟମ ପ୍ରଦାନ କରିଥାଏ।' ଏଡବ୍ଲ୍ୟୁଏସ ଇଣ୍ଡିଆ ଓ ସାଉଥ ଏସିଆର ସଲ୍ୟୁଶନ ଆର୍କିଟେକ୍ଟର ବିଭାଗର ନିର୍ଦ୍ଦେଶକ ସତିନ୍ଦର ପାଲ ସିଂହ କହିଛନ୍ତି, 'ଭାରତର ଉଦ୍ୟୋଗଗୁଡିକ ଦ୍ରୁତ ବେଗରେ ଏଆଇ ପରୀକ୍ଷଣରୁ ଉତ୍ପାଦନ-ସ୍ତରର ନିୟୋଜନ ଆଡକୁ ଅଗ୍ରସର ହେଉଛନ୍ତି ଏବଂ ସେମାନେ ଫ୍ରଂଟିୟର ଇଂଟେଲିଜେନ୍ସର ଆବଶ୍ୟକ କରୁଛନ୍ତି ଯାହା ସେମାନଙ୍କର ଡାଟା ଥିବା ସ୍ଥାନରେ ପରିଚାଳିତ ହେଉଥିବ। ଭାରତକୁ ଓପନଏଆଇ ଆଡ୍‌ଭାନ୍ସଡ ମଡେଲଗୁଡିକୁ ଆଣି ଆମେ ଗ୍ରାହକଙ୍କୁ ସେମାନେ ପୂର୍ବରୁ ବ୍ୟବହାର କରୁଥିବା ବିଶ୍ୱସନୀୟ ଏଡବ୍ଲ୍ୟୁଏସ ଭିତିଭୂମିରେ-ଇନ୍-କଂଟ୍ରି ଇନ୍‌ଫରେନ୍ସିଙ୍ଗ ସହ ପରିବର୍ତନଶୀଳ ଏଆଇ ଆପ୍ଲିକେଶନ ଏବଂ ଗଭର୍ଣ୍ଣାନ୍ସ ଟୁଲ୍ ନିର୍ମାଣ କରିବା ଲାଗି କ୍ଷମତା ପ୍ରଦାନ କରୁଛୁ। ଓପନଏଆଇର ସଦ୍ୟତମ ମୂଲ୍ୟ ହ୍ରାସ ପରେ, ଜିପିଟି-୫.୬ ଲୁନାର ମୂଲ୍ୟ ଏବେ ୮୦% ପର୍ଯ୍ୟନ୍ତ କମ୍ ହୋଇଥିବା ବେଳେ ଜିପିଟି-୫.୬ ଟେରାର ମୂଲ୍ୟ ୨୦% ପର୍ଯ୍ୟନ୍ତ କମ୍ ହୋଇଛି। ଏହି ମଡେଲଗୁଡିକ ଭାରତକୁ ଫ୍ରଂଟିୟର ଇଂଟେଲଇଜେନ୍ସକୁ କମ୍ ମୂଲ୍ୟରେ ଆଣିଛନ୍ତି, ଯାହାର ନୂତନ ମୂଲ୍ୟ ଆମାଜନ ବେଡ୍‌ରକରେ ଉଲ୍ଲେଖ ରହିଛି।

# ଇଣ୍ଡେଲ ମନିର ୫୦୦ କୋଟିର ଏନଏସ୍‌ଡି ୭୦୪% ଅଧିକ ସବ୍‌ସ୍କ୍ରାଇବ୍ ହୋଇଛି

**ଭୁବନେଶ୍ୱର, ୨୫।୮ (ନି.ପ୍ର) :** ଇଣ୍ଡେଲ ମନି ଲିମିଟେଡ୍‌ର ସିକ୍ୟୁର୍ଡ, ଲିଷ୍ଟେଡ୍ ଓ ରିଡିମେବଲ୍ ନନ୍-କନଭର୍ଟେବଲ ଡିବେଂଚରକୁ ନିବେଶକମାନଙ୍କ ଜବରଦସ୍ତ ସମର୍ଥନ ମିଳିଛି। ୨୫୦ କୋଟି ଟଙ୍କାର ଗ୍ରିନ ସୁ ବିକଳ୍ପ ସହିତ ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତର ଏହି ଇସ୍ୟୁ ୨୦୨୬ ଅଗଷ୍ଟ ୧୮ରେ ଖୋଲିବାର ଚାରି ଘଂଟା ଭିତରେ ଅଧିକ ସବ୍‌ସ୍କ୍ରାଇବ୍ ହୋଇଥିଲା। ଏହି ଇସ୍ୟୁକୁ ତାହାର ନିର୍ଦ୍ଧାରିତ ସମୟ ପୂର୍ବରୁ ୨୦୨୬ ଅଗଷ୍ଟ ୨୦ରେ ଆଗୁଆ ବନ୍ଦ କରାଯାଇଥିଲା। କମ୍ପାନୀ ୧୭୫୯ କୋଟି ଟଙ୍କାର ବିଡ୍ ହାସଲ କରିଛି ଯାହା ଏହାର ଇସ୍ୟୁ ପରିମାଣର ୭୦୪ ପ୍ରତିଶତ ଅଧିକ। ଏହି ଏନ୍‌ଏସ୍‌ଡିର ଫେସ୍ ଭାଲ୍ୟୁ ୧୦୦୦ ଟଙ୍କା ଥିଲା ଏବଂ ତାହା ଉପରେ ବାର୍ଷିକ ୧୨.୨୫ ପ୍ରତିଶତ ସୁଧ ରହିଛି ଏବଂ ତାହାକୁ ବିଏସ୍‌ଇ ଲିମିଟେଡ୍‌ରେ ତାଲିକାଭୁକ୍ତ କରିବା ପ୍ରସ୍ତାବ ରହିଛି। ଏହି ଏନ୍‌ଏସଡିକୁ ଇଣ୍ଡିଆ ରେଟିଂସ୍ ଆଣ୍ଡ୍ ରିସର୍ଚ୍ଚ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ 'ଇଣ୍ଡ ଏ-/ଷ୍ଟେବଲ୍' ରେଟିଂ ପ୍ରଦାନ କରାଯାଇଛି। ଇଣ୍ଡେଲ ମନିର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଶ୍ରୀ ଉମେଶ ମୋହନନ କହିଛନ୍ତି ଯେ, 'ଇସ୍ୟୁ ପ୍ରତି ମିଳିଥିବା ଅତ୍ୟଧିକ ପ୍ରତିକ୍ରିୟା ନିବେଶକମାନେ ଇଣ୍ଡେଲ ମନି ଏବଂ ଆମର ବିକାଶ ରଣନୀତି ଉପରେ ରଖିଥିବା ବିଶ୍ୱାସକୁ ଦର୍ଶାଉଛି। ସମ୍ପୂର୍ଣ୍ଣ ୫୦୦ କୋଟି ଟଙ୍କାର ଇସ୍ୟୁ ଚାରି ଘଂଟା ମଧ୍ୟରେ ସବସ୍କ୍ରାଇବ୍ ହୋଇଯିବା ଏବଂ ତା'ପରେ ମୋଟ ୧,୭୫୯ କୋଟି ଟଙ୍କାର ସବସ୍କ୍ରିପସନ୍ ମିଳିବା ବିଶେଷ ଭାବରେ ଉତ୍ସାହଜନକ। ଆମେ ଆମର ଋଣ ପ୍ରଦାନ ପ୍ରକ୍ରିୟାର ସମ୍ପ୍ରସାରଣ କରୁଥିବା ବେଳେ ଏହି ଦୃଢ଼ ନିବେଶକ ପ୍ରତିକ୍ରିୟା ମୁଖ୍ୟତଃ ଭାରତର ଗ୍ରାମାଚଂଳରେ ଥିବା ବ୍ୟକ୍ତିବିଶେଷ ଏବଂ ବ୍ୟବସାୟଗୁଡ଼ିକର ବିକଶିତ ହେଉଥିବା ଋଣ ଆବଶ୍ୟକତାକୁ ପୂରଣ କରିବା ପାଇଁ ପୁରି ବିବିଧ ଉତ୍ସଗୁଡ଼ିକୁ ପହଂଚିବାର ଆମର ଦକ୍ଷତାକୁ ବୃଦ୍ଧି କରିବେ। ଇସ୍ୟୁରୁ ମିଳିବାକୁ ଥିବା ଅର୍ଥ ଇଣ୍ଡେଲର ପୁଞ୍ଜି ସ୍ଥିତିକୁ ସୁଦୃଢ଼ କରିବ ଏବଂ ଆମର ଆଗାମୀ ଋଣ ପ୍ରଦାନ କାର୍ଯ୍ୟକଳାପ, ରିଫାଇନାନ୍ସିଂ ଏବଂ ଋଣ ପରିଶୋଧ ଆବଶ୍ୟକତାକୁ ସହାୟତା କରିବ ଯାହା ଆମକୁ ଆମର ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ହାସଲ କରିବାରେ ସମର୍ଥନ କରିବ। ଇସ୍ୟୁରୁ ମିଳିଥିବା ନିଟ୍ ଅର୍ଥ ଆଗାମୀ ଋଣ ପ୍ରଦାନ, କମ୍ପାନିର ବିଦ୍ୟମାନ ଋଣର ଫାଇନାନ୍ସ ଓ ରିଫାଇନାନ୍ସ ଏବଂ/ କିମ୍ବା ସୁଧ ପରିଶୋଧ ଏବଂ/କିମ୍ବା ବିଦ୍ୟମାନ ଋଣର ସୁଧ ଓ ମୂଳଧନର ପରିଶୋଧ କିମ୍ବା ଅଗ୍ରିମ ପରିଶୋଧ ସହିତ ଋଣ ସେବା ଏବଂ ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ ସାଧାରଣ କୋର୍ପୋରେଟ୍ ଉଦ୍ଦେଶ୍ୟ ପାଇଁ ବ୍ୟବହୃତ ହେବ। ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଇଣ୍ଡେଲ ମନିର ପରିଚାଳନା ଅଧୀନ ସଂପତି (ଏୟୁଏମ) ୪,୧୦୩.୯୦ କୋଟି ଟଙ୍କା ଥିଲା। ଇଣ୍ଡେଲ ମନି ମୋଟ ୬୦୫.୯୬ କୋଟି ଟଙ୍କାର ଆୟ, ୬୩୧.୭୭ କୋଟି ଟଙ୍କାର କାରବାର ଏବଂ ୧୨୩.୯୭ କୋଟି ଟଙ୍କାର କର ପରବର୍ତୀ ଲାଭ ହାସଲ କରିଛି। କମ୍ପାନି ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ୧.୬୫% ମୋଟ ଏନପିଏ ଏବଂ ୧.୨୯% ନିଟ ଏନପିଏ ଏବଂ ୨୦.୪୭%ର ଟାୟାର ୧ ପୁଞ୍ଜି ସ୍ୱଚ୍ଛଳତା ହାର ସହିତ ସମ୍ପତିର ଗୁଣବତା ଏବଂ ପୁଞ୍ଜିଗତ ଶକ୍ତି ଉପରେ ଦୃଢ଼ ଧ୍ୟାନ ବଜାୟ ରଖିଥିଲା। ଇଣ୍ଡେଲ ମନିର ହରିୟାଣା, ରାଜସ୍ଥାନ, ଉତର ପ୍ରଦେଶ, ମଧ୍ୟ ପ୍ରଦେଶ, ଓଡ଼ିଶା, ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା ଏବଂ ଗୁଜରାଟ ଏବଂ କେନ୍ଦ୍ରଶାସିତ ଅଂଚଳ ପୁଡୁଚେରୀ, ଚଣ୍ଡୀଗଡ଼, ଦିଲ୍ଲୀ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁରେ ବ୍ୟାପିଥିବା ଶାଖାଗୁଡ଼ିକର ଏକ ନେଟୱର୍କ ରହିଛି। ଇଣ୍ଡେଲ ମନି 'ଇଣ୍ଡେଲ ରେମିଟ୍' ବ୍ରାଣ୍ଡ ନାମରେ ତାହାର ବୈଦେଶିକ ମୁଦ୍ରା (ଫୋରେକ୍ସ) ବ୍ୟବସାୟ ମଧ୍ୟ ପରିଚାଳନା କରୁଛି। କମ୍ପାନି ଏକ ଆରବିଆଇ ଅଥରାଇଜଡ୍ ଡିଲର କ୍ୟାଟେଗୋରୀ-୨ ଲାଇସେନ୍ସ ପାଇଛି ଯାହା ଏହାକୁ ବ୍ୟାପାର ଏବଂ ଅଣ-ବ୍ୟାପାର ସମ୍ବନ୍ଧୀୟ ସେବା ସହିତ ଅନୁମୋଦିତ ବୈଦେଶିକ ମୁଦ୍ରା କାରବାର କରିବାକୁ ସମର୍ଥ କରୁଛି। ଇଣ୍ଡେଲ ରେମିଟ୍ ସମର୍ପିତ ଫୋରେକ୍ସ ଶାଖା ଏବଂ ବ୍ୟବସାୟିକ ସହଯୋଗୀ ମାନଙ୍କର ଏକ ବ୍ୟାପକ ନେଟୱର୍କ ମାଧ୍ୟମରେ କାର୍ଯ୍ୟ କରୁଛି ଯାହା ମୁଦ୍ରା ବିନିମୟ (କରେନ୍ସି ଏକ୍ସଚେ), ଟ୍ରାଭେଲ୍ ମନି କାର୍ଡ ଓ ବାହ୍ୟ ପ୍ରେରଣ (ଆଉଟୱାର୍ଡ ରେମିଟାନ୍ସ) ସହିତ ବିଭିନ୍ନ ସେବା ପ୍ରଦାନ କରୁଛି।

# ରକ୍ଷାବନ୍ଧନରେ ପିଢ଼ି ପରେ ପିଢ଼ିକୁ ସୁସ୍ଥ ଅଭ୍ୟାସ ବାଣ୍ଟିବା ମଧ୍ୟ ଏକ ଚିରସ୍ଥାୟୀ ଉପହାର: ଡା. ସୋନିଆ ଦତ୍ତା

**ଭୁବନେଶ୍ୱର,୨୫।୮ (ନି.ପ୍ର) :** ଭାଇ-ଭଉଣୀଙ୍କ ମଧ୍ୟରେ ଥିବା ନିଆରା ସ୍ନେହ ଓ ସମ୍ପର୍କର ପର୍ବ ହେଉଛି ରକ୍ଷାବନ୍ଧନ। ଭଲପାଇବା, ଯତ୍ନ, ଉପହାର ଓ ଏକତାର ଭାବନାରେ ଏହି ପର୍ବ ପାଳିତ ହୋଇଥାଏ। ମିଠା ଓ ଉତ୍ସବର ଆନନ୍ଦ ଏହି ପର୍ବର ଅବିଚ୍ଛେଦ୍ୟ ଅଂଶ ହୋଇଥିବାବେଳେ, ପରିବାରର ସଦସ୍ୟମାନେ ପ୍ରତିଦିନ ପରସ୍ପର ପ୍ରତି ଦେଖାଉଥିବା ଛୋଟ ଛୋଟ କିନ୍ତୁ ଅର୍ଥପୂର୍ଣ୍ଣ ଯତ୍ନର ଭାବନାକୁ ମଧ୍ୟ ଏହି ପର୍ବ ମନେ ପକାଇ ଦେଇଥାଏ। ଖ୍ୟାତନାମା ଦାନ୍ତ ବିଶେଷଜ୍ଞ ଡା. ସୋନିଆ ଦତ୍ତାଙ୍କ ମତରେ, ପରିବାର ପିଢ଼ି ପରେ ପିଢ଼ିକୁ ଦେଇପାରୁଥିବା ସବୁଠାରୁ ମୂଲ୍ୟବାନ ଉପହାର ମଧ୍ୟରୁ ଗୋଟିଏ ହେଉଛି ଉତ୍ତମ ମୁଖ ସ୍ୱାସ୍ଥ୍ୟ ଓ ଦାନ୍ତର ଯତ୍ନ ନେବାର ଅଭ୍ୟାସ। ସେ କହିଛନ୍ତି, "ପ୍ରତ୍ୟେକ ପରିବାରର କିଛି ନିଜସ୍ୱ ପରମ୍ପରା ରହିଛି, ଯାହା ବର୍ଷ ବର୍ଷ ଧରି ପିଢ଼ିରୁ ପିଢ଼ିକୁ ଚାଲିଆସିଥାଏ। କେତେକ ପରମ୍ପରାକୁ ଆମେ ଆନନ୍ଦ ଓ ଉତ୍ସାହର ସହ ପାଳନ କରୁଥାଉ, ଆଉ କେତେକ ଅଜାଣତରେ ଆମ ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟିଯାଏ। ଦିନକୁ ଦୁଇଥର ଦାନ୍ତ ଘଷିବା, ମୁଖର ସ୍ୱଚ୍ଛତା ବଜାୟ ରଖିବା ଏବଂ ନିୟମିତ ଦାନ୍ତ ଚିକିତ୍ସାକୁ ଉତ୍ସାହିତ କରିବା ଭଳି ସରଳ ଅଭ୍ୟାସ ସାଧାରଣତଃ ଘରୁ ଆରମ୍ଭ ହୋଇଥାଏ ଏବଂ ମାତାପିତାଙ୍କଠାରୁ ସନ୍ତାନ ଓ ଭାଇ-ଭଉଣୀଙ୍କ ମଧ୍ୟରେ ଏହା ପରମ୍ପରା ଭାବେ ଆଗକୁ ବଢ଼ିଥାଏ।" ସେ ଆହୁରି କହିଛନ୍ତି ଯେ, ପିଲାମାନେ ସେମାନଙ୍କ ଚାରିପାଖରେ ଥିବା ଲୋକମାନଙ୍କୁ ଦେଖି ଅନେକ କିଛି ଶିଖିଥାନ୍ତି। "ସୁସ୍ଥ ମୁଖ ଯତ୍ନର ଅଭ୍ୟାସ ଗୋଟିଏ ଦିନରେ ଗଢ଼ି ଉଠେ ନାହିଁ। ପରିବାର ମଧ୍ୟରେ ନିୟମିତତା ଓ ସକାରାତ୍ମକ ଉତ୍ସାହ ମାଧ୍ୟମରେ ଏହା ଧୀରେ ଧୀରେ ବିକଶିତ ହୋଇଥାଏ। ପିଲାମାନଙ୍କୁ ଅଳ୍ପ ବୟସରୁ ଦାନ୍ତ ଓ ମାଢ଼ିର ଯତ୍ନ ନେବାର ଗୁରୁତ୍ୱ ବୁଝାଇବାରେ ମାତାପିତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।" ସଠିକ୍ ମୁଖ ଯତ୍ନ ଉପକରଣ ବାଛିବାର ଗୁରୁତ୍ୱ ଉପରେ ଆଲୋକପାତ କରି ଡା. ଦତ୍ତା କହିଛନ୍ତି ଯେ, ଆୟୁର୍ବେଦ ଆଧାରିତ ଉପଚାର ଦୈନନ୍ଦିନ ମୁଖ ସ୍ୱଚ୍ଛତା ବଜାୟ ରଖିବାରେ ସହାୟକ ହୋଇପାରେ। ଡାବର ରେଡ୍ ଟୁଥପେଷ୍ଟରେ ଆୟୁର୍ବେଦରେ ପ୍ରଚଳିତ ବିଶ୍ୱସନୀୟ ଉପାଦାନ ଯଥା ପୁଦିନା ସତ୍ତ୍ୱ ରହିଛି, ଯାହା ଦୀର୍ଘସମୟ ପର୍ଯ୍ୟନ୍ତ ସତେଜତା ପ୍ରଦାନ କରେ।





# ଶୀର୍ଷ ୪୦ ଜଣ ଯୁବ ଉଦ୍ଭାବକଙ୍କ ନାମ ଘୋଷଣା କରିଛି ସାମ୍‌ସଙ୍ଗ

**ଭୁବନେଶ୍ୱର, ୨୫।୮ (ନି.ପ୍ର) :** ସାମସଙ୍ଗ ଇଣ୍ଡିଆ ପକ୍ଷରୁ ଆଜି ଏହାର ପ୍ରମୁଖ ଯୁବ ଉଦ୍ଭାବନ କାର୍ଯ୍ୟକ୍ରମ ସାମସଙ୍ଗ ସଲଭ ଫର ଟୁମୋରୋର ଶୀର୍ଷ ୪୦ ଜଣ ସେମି-ଫାଇନାଲିଷ୍ଟ ଟିମ୍‌ର ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମ ଯୁବପିଢିଙ୍କୁ ନିଜ ଚାରିପାର୍ଶ୍ୱର ସମସ୍ୟାଗୁଡିକୁ ଚିହ୍ନଟ କରିବା ଏବଂ ମାର୍ଗଦର୍ଶନ, ଟେକ୍ନୋଲୋଜି, ପ୍ରୋଟୋଟାଇପିଂ ଓ ଶିକ୍ଷା ମାଧ୍ୟମରେ ନିଜର ବିଚାରଧାରାକୁ ସମାଧାନରେ ପରିଣତ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥାଏ। ସାମସଙ୍ଗ ସଲଭ ଫର ଟୁମୋରୋର ଏହି ୫ମ ସଂସ୍କରଣରେ ଚୟନ ହୋଇଥିବା ୪୦ ଜଣ ଯୁବ ଉଦ୍ଭାବକ ୧୫ଟି ରାଜ୍ୟ ଓ ୨୬ଟି ସହରର ପ୍ରତିନିଧିତ୍ୱ କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୫୦%ରୁ ଅଧିକ ଭାରତର ଟିୟର ୨ ଓ ୩ ସହରଗୁଡିକରୁ ଆସିଛନ୍ତି। ଏସମ୍ପର୍କରେ ସାମ୍‌ସଙ୍ଗ ସାଉଥୱେଷ୍ଟ ଏସିଆର କର୍ପୋରେଟ ଉପାଧ୍ୟକ୍ଷ ଏସପି ଚୁନ୍ କହିଛନ୍ତି, 'ଚଳିତ ବର୍ଷର ଶ୍ରେଷ୍ଠ ୪୦ ଜଣଙ୍କ ମଧ୍ୟରେ ଯାହା ସ୍ୱତନ୍ତ୍ର ରହିଛି ତାହା ହେଉଛି ଏହି ଯୁବ ଉଦ୍ଭାବକମାନେ ନିଜ ଚାରିପାର୍ଶ୍ୱର ଦୁନିଆକୁ କେତେ ନିକଟରୁ ପର୍ଯ୍ୟବେକ୍ଷଣ କରୁଛନ୍ତି। ସେମାନେ ନିଜ ସମୁଦାୟ, ଶ୍ରେଣୀଗୃହ, କୃଷି, ବ୍ୟବସାୟ ଓ ଖେଳ ପଡିଆରେ ରହିଥିବା ସମସ୍ୟାକୁ ଚିହ୍ନଟ କରିଛନ୍ତି ଏବଂ ଟେକ୍ନୋଲୋଜି କିଭଳି ଏକ ପାର୍ଥକ୍ୟ ସୃଷ୍ଟି କରିପାରିବ ତାହାକୁ ନେଇ ପ୍ରଶ୍ନ ପଚାରୁଛନ୍ତି। ଏହି ଟିମ୍‌ଗୁଡିକରୁ ଅଧାରୁ ଅଧିକ ଟିୟର୨ ଓ ୩ ଭାରତରୁ ଆସିବା ବିଶେଷ ଭାବରେ ପ୍ରେରଣାଦାୟକ କାରଣ ଏହା ଦର୍ଶାଉଛି ଯେ, ଉଦ୍ଭାବନର ପରବର୍ତୀ ପିଢି ଯେକୌଣସି ସ୍ଥାନରୁ ଉଭା ହୋଇପାରନ୍ତି। ସାମ୍‌ସଙ୍ଗ ସଲଭ ଫର ଟୁମୋରୋ ମାଧ୍ୟମରେ ଭୂମିକା ହେଉଛି ଏଭଳି ଯୁବ ଉଦ୍ଭାବକଙ୍କୁ ସେମାନଙ୍କର ଲକ୍ଷ୍ୟକୁ କାର୍ଯ୍ୟରେ ପରିଣତ କରିବା ପାଇଁ ମାର୍ଗଦର୍ଶନ, ଟେକ୍ନୋଲୋଜି ଓ ସୁଯୋଗ ପ୍ରଦାନ କରିବା। ସେହିପରି ଆଇଆଇଟି ଦିଲ୍ଲୀର ଫାଉଣ୍ଡେଶନ ଫର ଇନୋଭେଶନ ଆଣ୍ଡ ଟେକ୍ନୋଲୋଜି ଟ୍ରାନ୍ସଫର (ଏଫଆଇଟିଟି)ର ପରିଚାଳନା ନିର୍ଦ୍ଦେଶକ ଡଃ ନିଖିଲ ଅଗ୍ରୱାଲ କହିଛନ୍ତି, 'ଏହି ଶୀର୍ଷ ୪୦ଟି ଟିମ୍ ମଧ୍ୟରୁ ୨୫ଟି ଟିମ ପ୍ରୋଟୋଟାଇପ ନିର୍ମାଣ କରିବା ଆରମ୍ଭ କରିଛି ଯାହାକି ପ୍ରେରଣାଦାୟକ ଅଟେ। ପରବର୍ତୀ ପର୍ଯ୍ୟାୟ ସେମାନଙ୍କୁ ନିଜର ବିଚାରକୁ ପରୀକ୍ଷା କରିବା, ଉପଭୋକ୍ତାଙ୍କଠାରୁ ଶିଖିବା, ନିଜର ଟେକ୍ନୋଲୋଜିକୁ ମଜବୁତ କରିବା ଏବଂ ସେମାନଙ୍କର ସମାଧାନଗୁଡିକ କିଭଳି ବ୍ୟାପକ ସ୍ତରରେ କାର୍ଯ୍ୟ କରିପାରିବ ତାହାକୁ ଗଭୀର ଭାବେ ଚିନ୍ତା କରିବା ପାଇଁ ଆହ୍ୱାନ କରିବ। ନିର୍ମାଣ ଦ୍ୱାରା ଶିଖିବାର ସେହି ପ୍ରକ୍ରିୟା ମଜବୁତ ଉଦ୍ଭାବକ ସୃଷ୍ଟି କରିବା ପାଇଁ ମୌଳିକ ଆବ୍ୟାକତା ଅଟେ।' ଏହି ଟିମ୍‌କୁ ପ୍ରୋଟୋଟାଇପ ବିକାଶ ପାଇଁ ମୋଟ ୮ ଲକ୍ଷ ଟଙ୍କା ଏବଂ ପ୍ରତ୍ୟେକ ଟିମ୍ ସଦସ୍ୟଙ୍କୁ ଏକ ସାମସଙ୍ଗ ଲାପଟପ ଦିଆଯିବ। ଏହାପରେ ଟପ୍ ୨୦ ଟିମ୍‌କୁ ପ୍ରୋଟୋଟାଇପ ଉନ୍ନତିକରଣ ପାଇଁ ମୋଟ ୨୦ ଲକ୍ଷ ଟଙ୍କା ଓ ପ୍ରତ୍ୟେକ ସଦସ୍ୟଙ୍କୁ ନୂଆ ସାମସଙ୍ଗ ଗ୍ୟାଲାକ୍ସି ଜେଡ୍ ଫ୍ଲିପ ସ୍ମାର୍ଟଫୋନ ପ୍ରଦାନ କରାଯିବ। କାର୍ଯ୍ୟକ୍ରମର ଶୀର୍ଷ ୪ଟି ବିଜେତା ଟିମ୍ ଆଇଆଇଟି ଦିଲ୍ଲୀରେ ଇନକ୍ୟୁବେଶନ ପାଇଁ ୨ କୋଟି ଟଙ୍କାର ମୋଟ ଅନୁଦାନ ପାଇବେ।

# ରାଉରକେଲାରେ କିସ୍ନା ପକ୍ଷରୁ ସ୍ୱତନ୍ତ୍ର ଶୋ'ରୁମ୍ ର ଆରମ୍ଭ

**ରାଉରକେଲା, ୨୫।୮ (ନି.ପ୍ର) :** କିସ୍ନା ହୀରା ଏବଂ ସୁନା ଅଳଙ୍କାର ପକ୍ଷରୁ ଓଡ଼ିଶାର ରାଉରକେଲାର ଫେଇ୨ ଆର୍କେଡ୍ ମଲ୍ ରେ ଅବସ୍ଥିତ ଏକ୍ସକ୍ଲୁସିଭ୍ ସୋ'ରୁମ୍ ସେକ୍ଟର -୫ ରେ ଏହାର ସପ୍ତମ ଶୋରୁମ୍ ର ଉଦ୍ଘାଟନୀ ଉତ୍ସବରେ ଏହାର ପ୍ରତିଷ୍ଠାତା ତଥା ପରିଚାଳନା କରୁଥିବା ଶ୍ରୀ ଘନଶ୍ୟାମ ଢୋଲକିଆ ଉପସ୍ଥିତ ଥିଲେ । ହରିକୃଷ୍ଣ ଗ୍ରୁପ୍ ର ନିର୍ଦ୍ଦେଶକ କିସ୍ନାର ଖୁଚୁରା ସମ୍ପ୍ରସାରଣରେ ଆଉ ଏକ ମାଇଲଖୁଂଟ ଚିହ୍ନିତ କରିଛନ୍ତି। ଏହି ଗ୍ରାଣ୍ଡ ଲଂଚକୁ ପାଳନ କରିବା ପାଇଁ, କିସ୍ନା ଏହାର ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦଘାଟନୀ ଅଫର ଆଣିଛି । ହୀରା ଅଳଙ୍କାର ତିଆରି ଶୁଳ୍କ ଉପରେ ୧୦୦% ରିହାତି ଏବଂ ସୁନା ଅଳଙ୍କାର ମେକିଂ ଚାର୍ଜ ଉପରେ ୫୦% ପର୍ଯ୍ୟନ୍ତ ରିହାତି ରହିଛି। ଏହା ବ୍ୟତୀତ, ଗ୍ରାହକମାନେ ସେମାନଙ୍କର ପୁରୁଣା ସୁନା ବିନିମୟ କରିପାରିବେ ଏବଂ ହୀରା ଅଳଙ୍କାର କିଣିବା ଉପରେ ୧୦୫% ମୂଲ୍ୟ ପ୍ରାପ୍ତ କରିପାରିବେ। ହରି କ୍ରିଷ୍ଣା ଗ୍ରୁପ୍ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଘନଶ୍ୟାମ ଢୋଲକିଆ କହିଛନ୍ତି 'ରାଉରକେଲାର



ବିକଶିତ ଏହି ଶୋରୁମ୍ କିସ୍ନା ପାଇଁ ଏକ ଅର୍ଥପୂର୍ଣ୍ଣ ସୁଯୋଗ ଉପସ୍ଥାପନ କରେ । ଏଠାରେ ଆମର ଲଂଚ ଗ୍ରାହକଙ୍କୁ ଏକ ଉତମ ସେବା ପ୍ରଦାନ କରିବା ସହ ବଜାରରେ ଗୁଣାତ୍ମକ ହୀରା ଏବଂ ସୁନା ଅଳଙ୍କାର ପ୍ରଦାନ କରି ଆମର ରଣନୀତିକୁ ପ୍ରତିଫଳିତ କରେ। ଏହି ଯାତ୍ରାର କେନ୍ଦ୍ରରେ 'ହର ଘର' ର ଆମର ଦୃଷ୍ଟିକୋଣ ଅଛି କିସ୍ନା, ପ୍ରତ୍ୟେକ ଭାରତୀୟ ପରିବାରରେ ହୀରା ଅଳଙ୍କାର ଉପଲବ୍ଧ କରାଇବା। କିସ୍ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲାରୀର ସିଇଓ ଶ୍ରୀ ପରାଗ ଶାହା କହିଛନ୍ତି ଯେ 'ଆମେ ଏହି ଶୋରୁମ୍ ର ଶୁଭାରମ୍ଭ କରି ଆନନ୍ଦିତ ଉତ୍ସବ ଋତୁ ଆରମ୍ଭ ହେବା ପରେ ରାଉରକେଲାର ସ୍ୱତନ୍ତ୍ର ଶୋ'ରୁମ୍ । ରକ୍ଷା ବନ୍ଧନ ପାଖେଇ ଆସୁଥିବାରୁ, ଆମେ ଗ୍ରାହକମାନଙ୍କୁ ହୀରା ଏବଂ ସୁନା ଅଳଙ୍କାର ପ୍ରଦାନ କରିବାକୁ ଅପେକ୍ଷା କରିଛୁ ଯାହା ସୁନ୍ଦର ଭାବରେ ପରିପୂର୍ଣ୍ଣ ଅଟେ ଉପହାର ଏବଂ ଉତ୍ସବର ଆତ୍ମା, ସମସାମୟିକ ଡିଜାଇନ୍ ଏବଂ ସଂଗ୍ରହକୁ ପ୍ରତିଧ୍ୱନିତ କରିବା ପାଇଁ କ୍ୟୁରେଟ୍ ହୋଇଛି ।'ଶ୍ରୀ ସୁଶୀଲ କୁମାର ସେନାପତି ଏବଂ ଶ୍ରୀ ଶୁଭମ ସେନାପତି, ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟଲେଟ ପାର୍ଟନର୍ସ, କିସ୍ନା ସେ କହିଛନ୍ତି: 'କିସ୍ନା ସହିତ ସହଭାଗୀ ହୋଇ ଆମେ ଗର୍ବିତ, ଏକ ବ୍ରାଣ୍ଡ ଯାହା ଏହାର ମାଧ୍ୟମରେ ଏକ ଦୃଢ ଉତରାଧିକାରୀ ସୃଷ୍ଟି କରିଛି ଗୁଣବତା, କାରିଗରୀ ଏବଂ ଉଦ୍ଭାବନ ପାଇଁ ପ୍ରତିବଦ୍ଧତା । ସମସାମୟିକ ହୀରା ଆଣିବାର କ୍ଷମତା ଏବଂ ଆଜିର ଗ୍ରାହକମାନଙ୍କୁ ସୁନା ଅଳଙ୍କାର ପ୍ରଦାନ କରିବା ସହିତ ବ୍ରାଣ୍ଡ ସହିତ ଜଡ଼ିତ ବିଶ୍ୱାସକୁ ବଜାୟ ରଖିବ। ଏହା ସହଭାଗୀତା ଆମ ପାଇଁ ବିଶେଷ ଭାବରେ ଅର୍ଥପୂର୍ଣ୍ଣ । ରାଉରକେଲାର ସର୍ବୋତମ ଅଳଙ୍କାର ଦୋକାନ ମଧ୍ୟରେ କିସ୍ନାକୁ ଏକ ପସନ୍ଦର ଗନ୍ତବ୍ୟସ୍ଥଳରେ ପରିଣତ କରିବାକୁ ଆମେ ଅପେକ୍ଷା କରିଛୁ ।'ସମାଜକୁ ଫେରାଇବା ପାଇଁ କିସ୍ନାର ପ୍ରତିବଦ୍ଧତା ଅନୁଯାୟୀ, ଏହାର ଶୁଭାରମ୍ଭ ଅବସରରେ ଏକ ଖାଦ୍ୟ ବଂଟନର କାର୍ଯ୍ୟକ୍ରମର ଆୟୋଜନ। ଏହି ପଦକ୍ଷେପରେ ଏକ ସ୍ୱଚ୍ଛତା ଡ୍ରାଇଭ୍ ମଧ୍ୟ ଅନ୍ତର୍ଭୁକ୍ତ ଥିଲା ସ୍ୱଚ୍ଛ ଭାରତ ଅଭିଯାନ, ବୃକ୍ଷରୋପଣ ଅଭିଯାନ ଏବଂ ରକ୍ତଦାନ ଶିବିର ସହାୟତା, ସମ୍ପ୍ରଦାୟର କଲ୍ୟାଣ ଏବଂ ପରିବେଶ ସ୍ଥିରତା ପାଇଁ କିସ୍ନାର ପ୍ରତିବଦ୍ଧତାକୁ ଦୃଢ କରିବ ।

# ପାଟରଙ୍ଗାରେ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କଲା ଜିନ୍ଦଲ ଷ୍ଟେନଲେସ୍

## ୩୦୦ରୁ ଅଧିକ ସ୍ଥାନୀୟ ବାସିନ୍ଦାଙ୍କୁ ନିଃଶୁଳ୍କ ଚିକିତ୍ସା ପରାମର୍ଶ, ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ

ଯାଜପୁର,୨୫।୮(ନି.ପ୍ର.): ଗ୍ରାମାଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ସୁବିଧା ବୃଦ୍ଧି ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରି, ଜିନ୍ଦଲ ଷ୍ଟେନଲେସ୍‌ର ସିଏସ୍ଆର ବିଭାଗ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ ପକ୍ଷରୁ ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ପାଟରଙ୍ଗା ଗ୍ରାମରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା।



ଏହି ଶିବିରରେ ପାଟରଙ୍ଗା ଓ ଏହାର ଆଖପାଖ ଅଞ୍ଚଳର ୩୧୪ ଜଣ ଲୋକ ନିଃଶୁଳ୍କ ଚିକିତ୍ସା ପରାମର୍ଶ ଏବଂ ସ୍ୱାସ୍ଥ୍ୟସେବାର ସୁବିଧା ପାଇଥିଲେ। ଶିବିରରେ ଅଭିଜ୍ଞ ଚିକିତ୍ସକମାନଙ୍କ ଏକ ଦଳ ଯୋଗଦେଇ ରୋଗୀମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରେ ଡା. ଦେବପ୍ରିୟ ସାରଙ୍ଗୀ (ସାଧାରଣ ଚିକିତ୍ସା), ଡା. ଉତ୍ପଳାକ୍ଷୀ ରାୟ (ସ୍ତ୍ରୀ ଓ ପ୍ରସୂତି ରୋଗ), ଡା. ତନ୍ମୟ କୁମାର ପାତ୍ର (ଶିଶୁ ରୋଗ) ଏବଂ ଡା. ଅନ୍ତରୀକ୍ଷ ମିଶ୍ର (ମଧୁମେହ ବିଶେଷଜ୍ଞ) ପ୍ରମୁଖ ଅଛନ୍ତି। ଏହାସହିତ, ଭୁବନେଶ୍ୱରସ୍ଥିତ କ୍ୟୁରବେ ପକ୍ଷରୁ ନିୟୋଜିତ ପାରାମେଡିକାଲ କର୍ମଚାରୀମାନେ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ରକ୍ତ ପରୀକ୍ଷା, ରକ୍ତଚାପ ମାପନ ଏବଂ ମଧୁମେହ ପରୀକ୍ଷା ସାମିଲ ଥିଲା। ପରୀକ୍ଷା ଫଳାଫଳ ଆଧାରରେ ଡାକ୍ତରମାନେ ଆବଶ୍ୟକ ପରାମର୍ଶ ଦେବା ସହ ରୋଗୀମାନଙ୍କୁ ନିଃଶୁଳ୍କ ଔଷଧ ମଧ୍ୟ ପ୍ରଦାନ କରିଥିଲେ। ସମୁଦାୟର ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି କମ୍ପାନୀର ପ୍ରତିବଦ୍ଧତା ବିଷୟରେ ମତ ରଖି ଜିନ୍ଦଲ ଷ୍ଟେନଲେସ୍, ଯାଜପୁରର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ କହିଛନ୍ତି, ଗ୍ରାମାଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ପହଞ୍ଚ ଏବେ ମଧ୍ୟ ଏକ ବଡ଼ ଆବଶ୍ୟକତା। ଏଭଳି ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ଆମେ ବିଶେଷଜ୍ଞ ଚିକିତ୍ସା ସେବାକୁ ଲୋକଙ୍କ ନିକଟତର କରି ସ୍ୱାସ୍ଥ୍ୟସେବାର ଅଭାବକୁ ଦୂର କରିବାକୁ ଚେଷ୍ଟା କରୁଛୁ। ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ ଆମ ଆଖପାଖର ସମୁଦାୟମାନଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ସମର୍ଥନ କରିବା ପାଇଁ ସ୍ଥାୟୀ ଏବଂ ଅର୍ଥପୂର୍ଣ୍ଣ ପଦକ୍ଷେପ ଜାରି ରହିବ। ଏହି ଶିବିରକୁ ପାଟରଙ୍ଗା ଗ୍ରାମ ପଞ୍ଚାୟତର ସରପଞ୍ଚ ରଞ୍ଜନ କୁମାର ଦାସ ଉଦ୍‌ଘାଟନ କରିଥିଲେ। ସେ ସ୍ଥାନୀୟ ଲୋକଙ୍କ କଲ୍ୟାଣ ନିମନ୍ତେ ଏଭଳି ଉଦ୍ୟମ ଗ୍ରହଣ କରିଥିବାରୁ ଜିନ୍ଦଲ ଷ୍ଟେନଲେସ୍‌ର ପ୍ରଶଂସା କରିଥିଲେ।

ନିଜ CSR କାର୍ଯ୍ୟକ୍ରମର ଅଂଶ ଭାବେ, ଜିନ୍ଦଲ ଷ୍ଟେନଲେସ୍ ହୁଡ଼ିସାହି, ଦାନଗଦୀସ୍ଥିତ ଏହାର ସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ମାଧ୍ୟମରେ ଆଖପାଖର ୧୫ଟି ଗ୍ରାମକୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛି। ଏହା ସହ ମୋବାଇଲ୍ ହେଲ୍ଥକେୟାର ୟୁନିଟ୍ ମାଧ୍ୟମରେ ଦୂରଦୂରାନ୍ତର ଅଞ୍ଚଳରେ ନିୟମିତ ସ୍ୱାସ୍ଥ୍ୟସେବା ପହଞ୍ଚାଯାଉଛି। ବର୍ଷସାରା ବିଭିନ୍ନ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି। ଏହାପୂର୍ବରୁ ସୁକିନ୍ଦା ବ୍ଲକର ବାମ୍ଫିଲୋ ଏବଂ ଦାମୋଦରପୁର ଗ୍ରାମରେ ଅନୁରୂପ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା, ଯାହା ଦ୍ୱାରା ପ୍ରାୟ ୭୦୦ ଜଣ ଗ୍ରାମବାସୀ ଉପକୃତ ହୋଇଥିଲେ। ନିୟମିତ ସ୍ୱାସ୍ଥ୍ୟ ଶିବିର, ସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର, ମୋବାଇଲ୍ ହେଲ୍ଥକେୟାର ୟୁନିଟ୍ ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜିନ୍ଦଲ ଷ୍ଟେନଲେସ୍ ନିଜ ଆଖପାଖର ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଏବଂ ଗୁଣାତ୍ମକ ଚିକିତ୍ସା ସେବା ପହଞ୍ଚାଇବା ଦିଗରେ ନିରନ୍ତର କାର୍ଯ୍ୟ କରିଚାଲିଛି। ଏହି ଶିବିରର ସଫଳ ପରିଚାଳନା ପାଇଁ ଜିନ୍ଦଲ ଷ୍ଟେନଲେସ୍‌ର ଉଝଜ ବିଭାଗର ମୁଖ୍ୟ ସୁକାନ୍ତ କୁମାର ରଥ, ବରିଷ୍ଠ ପ୍ରବନ୍ଧକ ତପନ କୁମାର ନାୟକ, ସହ ପ୍ରବନ୍ଧକ ରାମେଶ୍ୱର ତ୍ରିପାଠୀ ଏବଂ ଉଝଜ ବିଭାଗର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମକୁ ସମନ୍ୱୟ କରିଥିଲେ।

## Affidavit

I, Kanhaiya Yadav aged about 37 years S/o- Bashudeo Yadav, At- Lotaniya, Po- Kajratnawadih, Ps. Hussainabad, Palamu, Jharkhand do hereby solemnly affirm and state as follows:-

1. That, I am the father guardian of my minor son Saurabh Yadav vide his birth certificate Regd. No.497/ 2014, issued by Municipality, Paradip. I That, the actual name and village name of my son is Saurabh Yadav At- Lotaniya as per his aadhar card vide no- 4211 4846 5534. But unfortunately in his birth certificate his name and village address has been reflected as Saurav Yadav At- Lotania instead of Saurabh Yadav At- Lotaniya which needs correction at the time of his school admission.

2.That, this affidavit will be produced before Principal of Bethany convent school, Paradip is accept the name of my son as Saurabh Yadav At- Lotaniya and effect correction accordingly in his school admission.

3. That the facts of this affidavit are true to the best of my knowledge.

Deponent

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ସଭା

କୋଇଡାଳ,୨୫।୮(ସୌମ୍ୟ ମହାନ୍ତି )ସୁନ୍ଦରଗଡ ଜିଲ୍ଲା ବଣ ପାହାଡ଼ ଘେରା କୋଇଡା ବ୍ଲକ ର ଟେନସା ଇସ୍ପାତ ହାଇସ୍କୁଲ ଯାହାକି ୧୯୬୫ ମସିହା ରେ ସେଲ ଆର.ଏସ.ପି ବରସୁଆଁ ଲୌହ ଖଣି ବା ସେତେ ବେଳ ର ହିନ୍ଦୁସ୍ତାନ ଷ୍ଟିଲ ପକ୍ଷରୁ ନିଜ କର୍ମଚାରୀ ଙ୍କ ପିଲା ଙ୍କ ପାଠ ପଢା ନିମନ୍ତେ ଏହି ଓଡ଼ିଆ ଉଚ୍ଚ ବିଦ୍ୟାଳୟ ଟି ପ୍ରଥମରୁ ଏକାଦଶ ପର୍ଯ୍ୟନ୍ତ ପ୍ରାଇମେରୀ ଏବଂ ଉଚ୍ଚ ବିଦ୍ୟାଳୟ ଦୁଇଟି ଭାଗ ରେ ଭିଭକ୍ତ ହୋଇ ଖୋଲା ଯାଇଥିଲା । ଇତି ମଧ୍ୟରେ ବିଦ୍ୟାଳୟ ତାର ଷାଠିଏ ବର୍ଷ ପୂର୍ଣ୍ଣ କରିଥିବା ବେଳେ ଅନେକ ଶିକ୍ଷକ ଶିକ୍ଷୟତ୍ରୀ ଅବସର ନେଲେଣି ।



୧୯୯୫ ମସିହା ରେ ଟେନସା ଭଳି ଏକ ଉପାନ୍ତ ଅଞ୍ଚଳ ରେ ରାହାସ ବିହାରୀ ପଟ୍ଟନାୟକ ଶିକ୍ଷକ ରୂପରେ ସୁଦୂର ଗଞ୍ଜାମ ଜିଲ୍ଲା ରୁ ଆସି ଟେନସା ଇସ୍ପାତ ହାଇ ସ୍କୁଲ ଠାରେ ଯୋଗ ଦାନ କରି ବିଗତ ଛବିଶ ବର୍ଷ ହେବ ସେ ତାଙ୍କ କାର୍ଯ୍ୟ ବେସ ସଠିକ ଭାବେ ତୁଲାଇ ବିଗତ ୨୦୨୧ ମସିହା ରେ ବଲାଣି କୁ ବଦଳି ହୋଇଥିଲା ତେବେ ବଦଳି ବେଳକୁ କୋଭିଡ ର ଦ୍ୱିତୀୟ ଲହରୀ ଚାଲୁଥିବାରୁ ଛାତ୍ର ଛାତ୍ରୀ ଙ୍କ ପକ୍ଷରୁ କୌଣସି ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇ ପାରିନଥିଲା । ତେବେ ଗତ ଜୁନ ମାସ ରେ ବଲାଣି ଠାରେ ରାହାସ ବିହାରୀ ପଟ୍ଟନାୟକ ସାର ଙ୍କ ଚାକିରୀ ଜୀବନ ରୁ ଅବସର ନେଇଥିବା ବେଳେ ଟେନସା ଇସ୍ପାତ ବିଦ୍ୟାଳୟ ପୁରାତନ ଛାତ୍ର ଛାତ୍ରୀ ମାନେ ଅଗଷ୍ଟ ୨୪ ତାରିଖ ରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା ଉକ୍ତ କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ନବମ ଏବଂ ଦଶମ ଛାତ୍ର ଛାତ୍ରୀ ଶିକ୍ଷକ ଗଣ ଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିବା ବେଳେ ପୁରାତନ ଛାତ୍ର ଛାତ୍ରୀ ଙ୍କ ତରଫ ରୁ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇ ସଭା ଆରମ୍ଭ ହୋଇଥିଲା ବିଗତ ଦିନ ମାନଙ୍କ ରେ ରାହାସ ବିହାରୀ ପଟ୍ଟନାୟକ ଙ୍କ ଇସ୍ପାତ ବିଦ୍ୟାଳୟ ପାଇଁ ତାଙ୍କ କର୍ତ୍ତବ୍ୟ ଏବଂ ଛାତ୍ର ଛାତ୍ରୀ ଙ୍କ ପାଇଁ ବଳିଦାନ ଆକଟ ଏବଂ ଶୃଙ୍ଖଳିତ ଅନୁଶାସନ ସମ୍ପର୍କ ରେ ଉପସ୍ଥିତ ଅତିଥି ଶିକ୍ଷକ ଗଣ ମାଧ୍ୟମରୁ ଶ୍ରୀ ଜଗନ୍ନାଥ ମହାନ୍ତି, ଏବଂ ପ୍ରଧାନ ଶିକ୍ଷକ ଧନେଶ୍ୱର ଜୟପୁରିଆ ଆଲୋକ ପାତ କରିଥିବା ବେଳେ ପୁରାତନ ଛାତ୍ର ଛାତ୍ରୀ ଙ୍କ ମଧ୍ୟରୁ ଟେନସା ସରପଞ୍ଚ ଅନିତା ପୁର୍ତ୍ତୀ, ଅମୀୟ ରାଉତ, ରାକେଶ ମହାନ୍ତି, ସସ୍ମିତା ବେହୁରା ପ୍ରମୁଖ ଶ୍ରୀ ପଟ୍ଟନାୟକ ଙ୍କ ସହିତ ତାଙ୍କ ସମ୍ପର୍କ ଛାତ୍ର ଜୀବନୀ ଉପରେ ଆଲୋକପାତ କରିଥିଲେ।

# ଅବକାରୀ ବିଭାଗ ପଞ୍ଝାରେ ୨ ନିଶାବେପାରୀ

ଜଗତସିଂହପୁର,୨୫।୮(ନି.ପ୍ର.); ୬୦ଗ୍ରାମର ହେରୋଇନ ସହ ୧୦ ହଜାର ଟଙ୍କା ଓ ୨ କେଜି ୨୦୦ ଗ୍ରାମର ଗଞ୍ଜେଇ ଜବତ। ସମଗ୍ର ରାଜ୍ୟରେ ଅବକାରୀ ବିଭାଗର ସ୍ୱ ?ଶାଲ ଡ୍ରାଇଭ ଚାଲିଥିବାବେଳେ ୨୫ ତାରିଖ ମଙ୍ଗଳବାର ଦିନ ପାରାଦ୍ୱୀପ ଏବଂ ବିରିଡି ଥାନା ଅଞ୍ଚଳରେଚଢାଉ କରି ଦୁଇ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ବିଭାଗ।

ବିରିଡି ଥାନା ଅନ୍ତର୍ଗତ ସରେଇକଣା ଗ୍ରାମରେ ଦୀର୍ଘ ଦିନ ହେବ ବ୍ରାଉନସୁଗାର କାରବାର ଲୁଚାଛପାରେ ଚାଲୁଥିବାର ଏକ ଅଭିଯୋଗକୁ ଭିତ୍ତି କରି ଜଗତସିଂହପୁର ଅବକାରୀ ରେଞ୍ଜ ର ଇନ୍ସପେକ୍ଟର ଖିତୀଶ ଦାସଙ୍କ ନେତୃତ୍ୱରେ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ ଓ ସବ୍ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଲାଇ ଙ୍କ ସହଯୋଗରେଏକ ଟିମ ଚଢାଉ କରିଥିଲେ। ଅଭିଯୁକ୍ତ ମହିଳା ଜଣଙ୍କ ଘଟଣାସ୍ଥଳ ରୁ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ ସରେଇକଣା ଗ୍ରାମର ଅଙ୍ଗନବାଡି କେନ୍ଦ୍ର ନିକଟରୁ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୬୦ ଗ୍ରାମର ବେଆଇନ ହେରୋଇନ ଏବଂ ହେରୋଇନ ବ୍ୟବସାୟ ସହ ଜଡିତ ନଗଦ ୧୦ ହଜାର ଟଙ୍କା ଜବତ କରାଯାଇଥିଲା। ଗିରଫ ଅଭିଯୁକ୍ତ ଜଣକ ହେଲେ ସରାଇକଣା ଗ୍ରାମର ରସାନନ୍ଦ ସ୍ୱାଇଁଙ୍କ ସ୍ତ୍ରୀ ରତ୍ନାମଣୀ ସ୍ୱାଇଁ(୫୭)। ଜବତ ହେରୋଇନ ର ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କା ହେବାର



ପ୍ରକାଶ କରିଛନ୍ତି ଜଗତସିଂହପୁର ରେଞ୍ଜ ଇନ୍ସପେକ୍ଟର ଖିତୀଶ ଦାସ। ଅଭିଯୁକ୍ତଙ୍କୁ ଜଗତସିଂହପୁର ଅବକାରୀ ରେଞ୍ଜ କେସ୍ ନଂ ୩୮ ?୨୦୨୬-୨୭ରେ ଗିରଫ କରାଯାଇ ଜିଲ୍ଲା ସୈରାଜଜ ଙ୍କ ଅଦାଲତକୁ ଚାଲାଣ କରାଯାଇଛି।ସେହିପରି ଅନ୍ୟ ଏକ ଘଟଣାକ୍ରମ ପାରାଦୀପ ଅବକାରୀ ରେଞ୍ଜ ର ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକ ଙ୍କ ନେତୃତ୍ୱରେ ଓ ପାରାଦ୍ୱୀପ ଅବକାରୀ ଥାନା ସବ୍ଇନ୍ସପେକ୍ଟର ଧର୍ମପଦ ଦାସଙ୍କ ସହଯୋଗରେ ଏକ ଟିମ ପାରାଦୀପ ଲକ୍ ଥାନା ଅନ୍ତର୍ଗତ ପାରାଦ୍ୱୀପଗଡରେ ଚଢାଉ କରି ୨କେଜି ୨୦୦ ଗ୍ରାମର ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ବେପାରରେ ଜଡିତ ଥିବା ପାରାଦ୍ୱୀପଗଡ ର ସ୍ୱର୍ଗତ ଇନ୍ଦ୍ରମଣି ମଲ୍ଲିକଙ୍କ ପୁଅ ଲୋକନାଥ ମଲ୍ଲିକ(୩୧) ଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇ ର ଆନୁମାନିକ ମୂଲ୍ୟ ୨୨,୦୦୦ ଟଙ୍କା ହେବାର ପାରାଦ୍ୱୀପ ରେଞ୍ଜ ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ପାରାଦ୍ୱୀପ ଅବକାରୀ ରେଞ୍ଜ କେସ୍ ନଂ ୩୪ ?୨୦୨୬-୨୭ ରେ ସଂଯୁକ୍ତ କରାଯାଇ ଅତିରିକ୍ତ ଜିଲ୍ଲା ସୈରାଜଜ କୁଜଙ୍ଗଙ୍କ ଅଦାଲତ କୁ ଚାଲଣ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

ଆଜିର ଏହି ଚଢାଉ ରେ ଜଗତସିଂହପୁର ଅବକାରୀ ରେଞ୍ଜ ର କନଷ୍ଟେବଳ ଅନୁରାଗ ସୂର୍ଯ୍ୟବଂଶୀ , ସବିତା ନାୟକ, ଲକ୍ଷ୍ମୀନାରାୟଣ ମଲ୍ଲିକ, ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥାର କନଷ୍ଟେବଳ ବିଶ୍ୱରଞ୍ଜନ ସ୍ୱାଇଁ, ସୁକାନ୍ତ ମାଝୀ, ଶୁଭଶ୍ରୀ ବିଶ୍ୱାଳ

ପାରାଦୀପ ଅବକାରୀ ରେଞ୍ଜ ର ଏ ଏସ୍ ଆଇ ଗୟାଧର ସେଠୀ, କନଷ୍ଟେବଳ ଜୟଦେବ ପାତ୍ର, ସନ୍ତୋଷୀ ସାହୁ, ମନୋରଞ୍ଜନ ଦାସ ପ୍ରମୁଖ ସାମିଲ ଥିଲେ। ନାର୍କ ?ଟିକ୍ସ ବ୍ୟବସାୟ ବିରୋଧରେ ଚଢାଉ କୁ ଅଧିକ ତୀବ୍ରତର କରାଯିବ ସହ ଶୂନ୍ୟସହନଶୀଳ ନୀତିରେ ସମସ୍ତ ଅଭିଯୁକ୍ତଙ୍କୁ ଦମନ କରିବା ପାଇଁ ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରି ରଖିବ ବୋଲି ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ ପ୍ରକାଶ କରିଛନ୍ତି।

## ବିଦେଶୀ ଛାତ୍ରଛାତ୍ରୀଙ୍କ ପାଇଁ ସୋଆରେ ସ୍ୱତନ୍ତ୍ର ଗ୍ରାଜୁଏସନ୍ ସମାରୋହ

ଭୁବନେଶ୍ୱର,୨୫।୮: ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପାଠ୍ୟକ୍ରମରେ ଅଧ୍ୟୟନ କରି ଶିକ୍ଷା ସମାପ୍ତ କରିଥିବା ୪୬ ଜଣ ବିଦେଶୀ ଛାତ୍ରଛାତ୍ରୀଙ୍କୁ ମଙ୍ଗଳବାର ଏକ ବିଶେଷ କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି।ପନ୍ଦରଟି ବିଭିନ୍ନ ଦେଶରୁ ଆସିଥିବା ଏହି ଛାତ୍ରଛାତ୍ରୀମାନେ ବି.ଟେକ୍, ଏମ୍.ଟେକ୍, ବି.ଫାର୍ମ, ବି.ଏସ.ସି (କୃଷି), ବିବିଏ, ମାଷ୍ଟର ଇନ୍ ହସ୍ପିଟାଲ ଆଡମିନିଷ୍ଟ୍ରେସନ ଓ ବି.ଏସ.ସି (ଅପଟୋମେଟ୍ରି) ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲେ। ଏହି କାର୍ଯ୍ୟକ୍ରମରେ ଇଟଂରନ୍ୟାସନାଲ ଟ୍ରିବ୍ୟୁନାଲ ଫର ଦ ଲ ଅଫ ଦ ସି, ହାମବର୍ଗର ବିଚାରପତି ପ୍ରଫେସର ମରିସ କାମଗା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦେଶୀ ଛାତ୍ରଛାତ୍ରୀମାନଙ୍କ ସଫଳତା ନିମନ୍ତେ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ତାଙ୍କ ନିଜ ଦେଶ କ୍ୟାମେରୁନ୍‌ର ଛାତ୍ରଛାତ୍ରୀମାନେ ମଧ୍ୟ ଏହି ସଫଳତା ଲାଭ କରିଥିବାରୁ ସେ ଆନନ୍ଦ ପ୍ରକାଶ କରିଥିଲେ।

# ନବରଙ୍ଗପୁରରେ ଏନଟିପିସି ପ୍ରକଳ୍ପକୁ ତୀବ୍ର ବିରୋଧ

ନବରଙ୍ଗପୁର,୨୫।୮: ପ୍ରସ୍ତାବିତ ଏନଟିପିସି ଅଣୁବିଦ୍ୟୁତ ପ୍ରକଳ୍ପକୁ ନେଇ ନବରଙ୍ଗପୁରରେ ସୃଷ୍ଟି ହୋଇଛି ବିଶାଳ ଜନଆକ୍ରୋଶ। ସର୍ଭେ, ଜମି ଅଧିଗ୍ରହଣ ଓ ପ୍ରାରମ୍ଭିକ କାର୍ଯ୍ୟକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଛନ୍ତି ୫ ହଜାରରୁ ଉର୍ଦ୍ଧ୍ୱ ସ୍ଥାନୀୟ ଲୋକ। ଆଦିବାସୀଙ୍କ ଜମି, ଜଙ୍ଗଲ ଓ ଜୀବିକାର ସୁରକ୍ଷା ପାଇଁ ଗର୍ଜିଛନ୍ତି ବିରୋଧୀ। ସ୍ଥାନୀୟ ଲୋକଙ୍କ ସହମତି ନନେଇ ଏବଂ ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ ନକରି କୌଣସି ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢ଼ାଯାଇପାରିବ ନାହିଁ ବୋଲି ପ୍ରତିବାଦକାରୀ ଚେତାବନୀ ଦେଇଛନ୍ତି। ସର୍ଭେ ଓ ଜମି ସମ୍ପର୍କିତ କାର୍ଯ୍ୟକୁ ନେଇ ଲୋକଙ୍କ ମନରେ ସନ୍ଦେହ ଓ ଆଶଙ୍କା ଘାରିଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଆଇନଗତ ନିୟମ ଓ ସୁପ୍ରିମକୋର୍ଟଙ୍କ ରାୟକୁ ସମ୍ମାନ ଦେବାକୁ ଦାବି ହୋଇଛି। ଏହି ପ୍ରତିବାଦ ସମାବେଶରେ ବିଜେଡି ଓ କଂଗ୍ରେସର ବହୁ ବରିଷ୍ଠ ନେତା



ଏକାଠି ହୋଇ ପ୍ରତିବାଦକାରୀଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ସମାବେଶରେ ବରିଷ୍ଠ ନେତା ପ୍ରଦୀପ ମାଝୀ, ରମେଶ ମାଝୀ, ଭୁଜବଳ ମାଝୀ, ସନରାଜ ଗଣ୍ଡ ଏବଂ ଲିପିକା ମାଝୀ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ବିରୋଧରେ ସ୍ୱର ଶାଣିତ କରିଛନ୍ତି। ସରକାର ପ୍ରକଳ୍ପ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରନ୍ତୁ ବୋଲି ଦାବି ହୋଇଛି। ଯଦି ଜମି, ଜଙ୍ଗଲ ଓ ଜୀବିକାର ସୁରକ୍ଷା ନହୁଏ, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ଭୟାନକ ରୂପ ନେବ ବୋଲି ସମାବେଶରୁ ଚେତାବନୀ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ନେତା ପ୍ରଦୀପ ମାଝୀ କହିଛନ୍ତି, ସାଧାରଣ ନିର୍ବାଚନ ସମୟରେ ନବରଙ୍ଗପୁରକୁ ନରେନ୍ଦ୍ର ମୋଦୀଙ୍କ ଗସ୍ତ କେବଳ ନିର୍ବାଚନୀ ପ୍ରଚାର ପାଇଁ ନଥିଲା। ନବରଙ୍ଗପୁର ଜିଲ୍ଲାର ଜମି ଆଦାନୀଙ୍କୁ ଦେବା ପାଇଁ ଜାଗା ଦେଖିବାକୁ ଆସିଥିବା ସେ ଅଭିଯୋଗ କରିଛନ୍ତି। ଏବଂ ଘଣ୍ଟଡେଉ ପ୍ରକଳ୍ପ ପାଇଁ 'ଜମି ତ ଦୂରର କଥା, ଖଣ୍ଡେ ମାଟି ବି ଦେବୁନି' ବୋଲି - ପ୍ରଦୀପ ମାଝୀ କହିଛନ୍ତି ।

# ଏମଏମଡିଆର ସଂଶୋଧିତ ଖଣି ଆଇନ ପ୍ରତ୍ୟାହାର ଦାବିରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଓ

ନୟାଗଡ଼, ୨୫/୮(ନି.ପ୍ର )ଜେନଜୀ ଆନ୍ଦୋଳନକାରୀଙ୍କ ଉପରେ ଦିଲ୍ଲୀ ପୋଲିସ ଅମାନୁଷିକ ମାଡ଼ମାରିବା, ପେଲେଟ ଗନ ଚଳାଇ ଗୁଳିଚାଳନା ଘଟଣାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବିବୃତ୍ତି ଦାବୀରେ ଦେଶର ତମାମ ବିରୋଧି ଦଳ ସଂସଦ ଅଚଳ କରି ରଖିଥିବା ବେଳେ ତରବରିଆ ଭାବେ ବିନା ଆଲୋଚନାରେ ଲୁଚାଚୋରାରେ ସାଢେଚାରିକୋଟି ଓଡ଼ିଆଙ୍କ ସମ୍ପତ୍ତି ଆମ ଖଣି-ପାଣି-କୋଇଲା-ଖଣିଜ ସମ୍ପଦ ଲୁଟି ନେବା ପାଇଁ କେନ୍ଦ୍ର ବିଜେପି ସରକାର ଯୋଜନାବଦ୍ଧ ଷଡଯନ୍ତ୍ର କରି ଗୃହୀତ କରାଇଥିବା ଏମଏମଡିଆର ଖଣି ଆଇନ ଖଣି ଓ ଖଣିଜ ବିକାଶ ନିୟନ୍ତ୍ରଣ ସଂଶୋଧିତ କଳା ଆଇନ-୨୦୨୬ ପ୍ରତ୍ୟାହାର ଦାବୀରେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ ଅଂଶୀଦାର ଦଳ ଶହଶହ କାର୍ଯ୍ୟକର୍ତ୍ତା ମାନେ ସ୍ଥାନୀୟ ପୂର୍ତ୍ତ ଡାକବଙ୍ଗଳା ଠାରୁ ବିଶାଳ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଓ କରି ବିକ୍ଷୋଭ ପ୍ରଦର୍ଶନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ରାଜ୍ୟର ୨୦ ନିର୍ବାଚିତ ବିଜେପି ସାଂସଦଙ୍କ କୁଶପୁତ୍ତଳିକା ଦାହ କରି ନାରାବାଜି କରିଥିଲେ। ବିକ୍ଷୋଭ ସଭାରେ ଅଧ୍ୟକ୍ଷତା କରି ଜିଲ୍ଲା କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ।। ରଣଜିତ ଦାଶ ଯୋଜନାବଦ୍ଧ ଷଡଯନ୍ତ୍ର କରି ଓଡ଼ିଆ ଅସ୍ମିତାକୁ ଡବଲଇଞ୍ଜିନ ବିଜେପି ସରକାର ଚୋରି କରି ନେଲେ,ଏଥିରେ ଓଡିଶାର ୨୦ ବିଜେପି ସାଂସଦ ରାଜ୍ୟର ସ୍ୱାର୍ଥ ବିରୁଦ୍ଧରେ ନିଃସର୍ତ୍ତ ଆତ୍ମସମର୍ପଣ କରିଥିବା ଅଭିଯୋଗ କରିଥିଲେ ।

ସିପିଆଇଏମ ଜିଲ୍ଲା ସମ୍ପାଦକ ବିଶ୍ୱନାଥ ମହାପାତ୍ର, ନିତ୍ୟାନନ୍ଦ ପରିଡା, ବରିଷ୍ଠ କଂଗ୍ରେସ ନେତା ହୁସେନ ଖାଁ, ସତ୍ୟବ୍ରତ ନାୟକ, ବିଭୂପ୍ରସାଦ ମିଶ୍ର,ସିପିଆଇ ଜିଲ୍ଲା ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ଅମୀୟ ପଟ୍ଟନାୟକ, ବାମପନ୍ଥୀ ନେତା ପବିତ୍ର ଇନ୍ଦ୍ରଜିତ, ଗୋପୀନାଥ ଜେନା, ସରୋଜ ନାୟକ, ଭୁବନଚାନ୍ଦ ହାତୀ, ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମୀଧର ତ୍ରିପାଠୀ, ଫକୀର ଚରଣ ମଲ୍ଲ,ବିନୋଦିନୀ ମହାନ୍ତି, ଲଡୁକେଶ୍ୱର ଷଡ଼ଙ୍ଗୀ, ହାସୀମ ଖାଁ, ପୂର୍ଣ୍ଣେନ୍ଦ୍ର ନାୟକ, ଅଶୋକ କୁମାର ନାୟକ,ହାଲିମ ଖାଁ, ଆଇନଜୀବୀ ଶତ୍ରୁଘ୍ନ ପାଇକରାୟ, ବାଳକୃଷ୍ଣ ଷଡ଼ଙ୍ଗୀ,ସନ୍ତୋଷ ସାହୁ, ଜିଲ୍ଲା ମହିଳା କଂଗ୍ରେସ ସଭାପତି ବୈଜୟନ୍ତିମାଳା ମହାନ୍ତି, ପ୍ରତିମା ଜେନା, ପ୍ରମୁଖ ବିଜେପି ଡବଲଇଞ୍ଜିନ ସରକାରଙ୍କ ରାଜ୍ୟ ସ୍ୱାର୍ଥବିରୋଧି ନୀତି ଏବଂ




ପ୍ରତ୍ୟେକ ବର୍ଷ ରାଜ୍ୟ ରାଜକୋଷରୁ ପ୍ରାୟ ଏକଲକ୍ଷ କୋଟି ଟଙ୍କା କ୍ଷତି ଘଟାଇ ଓଡ଼ିଆ ଅସ୍ମିତାକୁ ଛଡାଇ ନେଇଥିବା ପ୍ରତିବାଦରେ ଏହି କଳା ଆଇନ ବାତିଲ ଦାବୀରେ କଂଗ୍ରେସ ସମେତ ସିପିଆଇଏମ, ସିପିଆଇ, ସମାଜବାଦୀ ପାର୍ଟି, ସିପିଏମଏଲ ପ୍ରମୁଖ ଦଳର ନେତୃବୃନ୍ଦ ରଣହୁଙ୍କାର ଦେଇ ଥିଲେ। ଆଜିର ବିକ୍ଷୋଭ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ରାଜ୍ୟ ସ୍ୱାର୍ଥବିରୋଧି କଳା ଆଇନ ବାତିଲ କରାଯାଉ ଲେଖାଥିବା ବ୍ୟାନର ଲଗାଇ ତିନିଘଣ୍ଟା ଧରି ଅଚଳ କରାଯାଇଥିଲା। ସଂଶୋଧିତ କଳା ଆଇନ ହେବା ଦ୍ୱାରା ଓଡିଶା ରାଜ୍ୟ ସମସ୍ତ ଖଣିଜ ସମ୍ପଦ ପାଣି କୋଇଲା ବକ୍ସାଇଟ ମାଙ୍ଗାନିଜ ଉପରେ ରାଜ୍ୟବାସୀଙ୍କ ଅଧିକାର ଛଡାଇ କେନ୍ଦ୍ର ଏକଚାଟିଆ ଅଧିକାରକୁ ରାଜ୍ୟବାସୀଙ୍କୁ ସଚେତନତା ପାଇଁ ଇଣ୍ଡିମେଣ୍ଟ ବିରୋଧି ଦଳ ମାନେ ଏହି କଳା ଆଇନ ବାତିଲ ପାଇଁ ଆଗକୁ ଜୋରଦାର ଆନ୍ଦୋଳନ ହେବ, ଦରକାର ହେଲେ ଓଡିଶା ବନ୍ଦ କରାଯିବ ବୋଲି ମିଳିତ ବିବୃତିରେ କୁହାଯାଇଛି ।

# ୬୨ ତମ ଜିଲ୍ଲା ପରିଷଦ ସାଧାରଣ ବୈଠକ ଅନୁଷ୍ଠିତ

ଅନୁଗୋଳ :- ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ୬୨ତମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମାନ୍ୟବର ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ମାନ୍ୟବର ପାଲଲହଡା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ଅଶୋକ ମହାନ୍ତି, ମାନ୍ୟବର ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ମାନ୍ୟବର ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ମାନ୍ୟବର ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦିପ ଗଡନାୟକ, ମାନ୍ୟବର ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ ଯୋଗ ଦେଇଥିଲେ । ଜିଲ୍ଲାପାଳ ଅବଦାଲ ମୁହମ୍ମଦ୍ ଅଖତର ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବୈଠକରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯିବା ସହିତ ସ୍ୱାସ୍ଥ୍ୟ ସେବା,



ଶିକ୍ଷା, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ନିରନ୍ତର ବିଦ୍ୟୁତ୍ ଯୋଗାଣ ଉପରେ ଆଲୋଚନା କରାଯାଇଥିଲା। ବର୍ଷା ଦିନରେ ଅଘୋଷିତ ବିଦ୍ୟୁତ କାଟ ଉପରେ ନିୟନ୍ତ୍ରଣ ରଖୁବା ସହ ଜିଲ୍ଲା ଖଣିଜ ପାଣ୍ଠି ଦ୍ୱାରା ଯୋଗାଇ ଦିଆଯାଇଥ ?ିବା ଟ୍ରାନ୍ସଫର୍ମର ଗୁଡିକର ସଠିକ୍ ଉପଯୋଗ କରିବାକୁ ଟି ପି ସି ଓ ଡି ଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଥିଲା । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସୁଧାର ଆଣିବା ପାଇଁ ଜିଲ୍ଲାରେ ଖାଲି ପଡିଥ ?ିବା ଡାକ୍ତରୀ ପଦବୀ ଗୁଡିକୁ ଶୀଘ୍ର ପୂରଣ କରିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା । ସେହିଭଳି ଜାତୀୟ ରାଜପଥର ସମ୍ପ୍ରସାରଣକୁ ତ୍ୱରାନ୍ୱିତ କରିବା ସହ ନିର୍ମାଣାଧୀନ ରାସ୍ତା,ବ୍ରିଜ୍, କେନାଲ ଗୁଡିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଖାଲିଥିବା ଶିକ୍ଷକ ପଦବୀଗୁଡିକୁ ତୁରନ୍ତ ପୂରଣ କରିବା ସହ ସ୍କୁଲ ଭିତ୍ତିଭୂମିର ତଦାରଖ ଓ ମରାମତି କରିବାକୁ ବୈଠକରେ ଆଲୋଚନା ହୋଇଥିଲା । ଖଣି ଅଞ୍ଚଳ ଏବଂ ଏହାର ଉପାନ୍ତ ଅଞ୍ଚଳ ଗୁଡିକରେ ବର୍ଜ୍ୟବସ୍ତୁ ନିୟନ୍ତ୍ରଣ କରିବାକୁ ପ୍ରଦୂଷଣ ବୋର୍ଡକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇଏଏସ୍ ପ୍ରୋବେସନର ଅଭି ଜୈନ୍ ଙ୍କ ସମେତ ଜିଲ୍ଲା ପରିଷଦର ସଭ୍ୟ, ପଞ୍ଚାୟତ ସମିତି ସଭ୍ୟ ଓ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଗୌରବମୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**
● **Editor : Sarat Raut**
ସଂପାଦକ: ଶରତ ରାଉତ